# ନଡ଼ିଆ ପାଇଁ ଉଦ୍ୟାନ ବିଭାଗର ସ୍ୱତନ୍ତ୍ର ମିଶନ

- ୧୭ ହଜାର ନଡିଆ ଚାରା ରୋପଣ ହେବ
- ନଡିଆ ଚାଷ ପାଇଁ ଅଛି ଉପଯୁକ୍ତ ଭିତ୍ତିଭୂମି
- ବଜାର ଓ ପ୍ରୋତ୍ସାହନ ଖୋଜୁଛି ନଡିଆ କତା ଶିଳ୍ପ
- ଫନୀରେ ନଷ୍ଟ ହୋଇଥିଲା ବହୁ ଗଛ

କେନ୍ଦ୍ରାପଡ଼ା ଅଫିସ, ୧୭ା୫

ଖରିଫ ଧାନ ଚାଷ ସହିତ ନଡିଆ ଚାଷ କେନ୍ଦ୍ରାପଡା ଜିଲାର ଅର୍ଥନୀତିକୁ ପ୍ରଭାବିତ କରେ । ଉଦ୍ୟାନ କୃଷି ବିଭାଗ ପରିସଂଖ୍ୟାନ ଅନୁଯାୟୀ ଜିଲାର ୨୨୮୨ ହେକ୍ଟର ଜମିରେ ନଡିଆ ଚାଷ ହେଉଥିବା ବେଳେ ୨୦୧୫– ୧୬ ଆର୍ଥିକ ବର୍ଷରେ ୧୩୮.୩୮ ଲକ୍ଷ ନଡିଆ ସଂଗ୍ରହ ହୋଇଥିଲା । ଚାଷୀ ନଡିଆ ଗଛ ମାଧ୍ୟମରେ ପାରିବାରିକ ଖର୍ଚ୍ଚ ସହ କିଛି ଅର୍ଥ ଆମଦାନୀ କରୁଛି । ତେବେ ଗତ ଫନୀରେ ଏହି ଜିଲାରେ ବହୁ ନଡିଆ ଗଛ ନଷ୍ଟ ହୋଇଥିବାରୁ ଜିଲା ଉଦ୍ୟାନ କୃଷି ବିଭାଗ ଏହାର ଭରଣା ପାଇଁ ସ୍ୱତନ୍ତ୍ର ମିଶନ ଭାବେ ଗ୍ରହଣ କରିଛି । ମହାମାରୀ ସମୟରେ ପ୍ରବାସୀଙ୍କୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ରେ ୧୭ ହଜାର ୫୦୦ଟି ଚାରା ରୋପଣ ପାଇଁ ପ୍ରବାସୀଙ୍କୁ ପ୍ରୋତ୍ସାହିତ କରିଛି । ଚଳିତ ବର୍ଷ ଏହାକୁ ବୃଦ୍ଧି କରି ୨୦ ହଜାର ଚାରା ରୋପଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛି । ଉପଯୁକ୍ତ ଭିତ୍ତିଭୂମି ପାଇଁ ନଡିଆ ଚାଷ ଲାଭଦାୟକ ହେଉଥିଲେ ମଧ୍ୟ ବଜାର ଓ କତାଶିଳ୍ପ ପାଇଁ ସରକାରୀ ପ୍ରୋତ୍ସାହନ ଆବଶ୍ୟକ ବୋଲି ଚାଷୀମାନେ କହିଛନ୍ତି ।

ରାଜକନିକା ବ୍ଲକ ଆକୁଳିଆପଡା ଗ୍ରାମର ରମେଶ ଚନ୍ଦ୍ର ସେଠୀ କହିଛନ୍ତି,


ନଡିଆ ଚାରା ରୋପଣ କରାଯାଉଛି ।

ଆକୁଳିଆପଡା, ବଜରପୁର, ନୂଆଗାଁ, କୁଜିବର ଆଦି ଗ୍ରାମକୁ ନେଇ ଏକ କତାଶିଳ୍ପ କ୍ଲଷ୍ଟର ଖୋଲା ଯାଇଛି । ଏହି ଶିଳ୍ପରେ ଘରୋଇ ବ୍ୟବହାର ସାମଗ୍ରୀ ସହିତ ଖେଳଣା କଣ୍ଢେଇ, ସୌଖୀନ ପଦାର୍ଥ ପାଇଁ ଉପାଦାନ ପ୍ରସ୍ତୁତ ହେଉଛି । ତେବେ ମାତ୍ର ୪୦୧ ଜଣ ଏଥିପାଇଁ ଜିଲାରେ ତାଲିମପ୍ରାପ୍ତ ହୋଇଥିବା ବେଳେ ସାମଗ୍ରୀ ବିକ୍ରି ସମସ୍ୟା ସୃଷ୍ଟି କରିଛି । କରୋନା ମହାମାରୀ ସମୟରେ ବଜାର ମଣ୍ଡି ଅଭାବ ପାଇଁ ଓରମାସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଆବଶ୍ୟକ । ସେହିପରି ନଡିଆ କତା ଶିଳ୍ପକୁ ଜିଲା ଶିଳ୍ପ କେନ୍ଦ୍ର ଅଧିକ ଭାବେ ଗୁରୁତ୍ୱ ଦେଲେ ଲାଭଦାୟକ ହେବ । କୋରଣ୍ଡ ଗ୍ରାମର ଚିତ୍ତରଞ୍ଜନ ପଣ୍ଡା କହିଛନ୍ତି, ନଡିଆ ଚାରା ରୋପଣ ପ୍ରବାସୀଙ୍କ କର୍ମ ନିଯୁକ୍ତି ପାଇଁ ଏକ ସୁଯୋଗ ଦେଇଛି । ପ୍ରବାସରୁ ଫେରି କର୍ମ ନିଯୁକ୍ତି ଅପେକ୍ଷାରେ ଥିବା ୨୫ରୁ ଉର୍ଦ୍ଧ୍ୱ ଲୋକ ଏମ୍‌ଜିଏନ୍‌ଆରଇଜିଏସ୍ ମାଧ୍ୟମରେ ପ୍ରାୟ ୩ ହଜାର ନଡିଆ ଚାରା ରୋପଣ କରିଛନ୍ତି । ଏହି ଗ୍ରାମର ମହେନ୍ଦ୍ର ଦାସ କହିଛନ୍ତି, ମୁମ୍ବାଇରେ ସେ ପ୍ଲମ୍ବର ଭାବେ କାମ କରନ୍ତି । ତେବେ କରୋନା ମହାମାରୀ ଆରମ୍ଭ ପରେ ଗତ ୨୦୨୦ ଅଗଷ୍ଟରୁ ଘରେ ଆସି ରହୁଛନ୍ତି । ଚଳିତ ବର୍ଷ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ୮୦ଟି ଚାରା ନେଇ ନିଜ ଘର ବାଡିରେ ଲଗାଇଛନ୍ତି । କର୍ମ ନିଯୁକ୍ତି ସହିତ ବିଭାଗ ପକ୍ଷରୁ ଚାରା ଯୋଗାଣ ହୋଇଥିବାରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ସେ ଧନ୍ୟବାଦ ଦେଇଛନ୍ତି । ଈଶ୍ୱରପୁରର ସ୍ୱାଧୀନ ବେହେରା କହିଛନ୍ତି, ୧୯୯୯ ମହାବାତ୍ୟାରେ ଜିଲାର ନଡିଆ ଚାଷକୁ ନଷ୍ଟ କରିଥିଲା । ସେହିପରି ଗତ ଫନୀ ସାମୁଦ୍ରିକ ଝଡ ବହୁ ଗଛ ନଷ୍ଟ କରିଛି । ଏହାସତ୍ତ୍ୱେ ନଡିଆ ଫଳ ଆପଦ ବିପଦ ସମୟରେ ବହୁ ଗରିବଙ୍କ ଅର୍ଥ ସମସ୍ୟାକୁ ସାମୟିକ ଭାବେ ସମାଧାନ କରିଛି । କମ ରକ୍ଷଣାବେକ୍ଷଣରେ ମାତ୍ର ୩ ବର୍ଷ ମଧ୍ୟରେ ନଡିଆ ଫଳୁ ଥିବାରୁ ଚାରାରୋପଣକୁ ବ୍ୟାପକ କରାଯିବା ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି । ଉଦ୍ୟାନ କୃଷି ବିଭାଗ ସହ ନିର୍ଦ୍ଦେଶକ କନ୍ଦ ଜେନା କହିଛନ୍ତି, କେନ୍ଦ୍ରାପଡା ଜିଲା ସମୁଦ୍ର ଉପକୂଳରେ ଅଛି । ଏହାର ପରିବେଶ ନଡିଆ ଚାଷକୁ ବେଶ ସୁହାଉଛି । ଏଥିପାଇଁ ନଡିଆ ଚାରାରୋପଣକୁ ବିଭାଗ ପକ୍ଷରୁ ଏକ ମିଶନ ଭାବେ ଗ୍ରହଣ କରାଯାଇଛି । ଚଳିତ ବର୍ଷ ପ୍ରାୟ ୨୦ ହଜାର ନଡିଆ ଚାରା ରୋପଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସେ ମତ ଦେଇଛନ୍ତି ।

## ସଂକ୍ଷେପରେ

### ଟମାଟୋ ଦର ଆକାଶଛୁଆଁ, ଗ୍ରାହକ ଅତିଷ୍ଠ

ପଟ୍ଟାମୁଣ୍ଡାଇ,୧୭ା୫(ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ଓ ତାର ଆଖପାଖ ଅଞ୍ଚଳରେ ଟମାଟୋ ଦର ଆକାଶଛୁଆଁ ହୋଇଛି । ସାଧାରଣ ଖାଉଟି ଟମାଟୋ ବଜାରରୁ କିଣି ପାରୁନାହିଁ । ୨ ସପ୍ତାହ ମଧରେ ଟମାଟୋ ଦର ୪୦ ଟଙ୍କାରୁ ବୃଦ୍ଧି ପାଇ ୮୦ ଟଙ୍କାରେ ପହଞ୍ଚିଛି । ଅନ୍ୟପକ୍ଷେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ କାରଣରୁ ଟମାଟୋ ଗଛଗୁଡିକ ଭୁରୁଙ୍ଗା ମାରିଯିବା ଫଳରେ ଫଳ ଧରୁନି । ଗାଡିଆ ପୋଖରୀ ସବୁ ଶୁଖିଲା ପଡିଥିବାରୁ ଚାଷୀମାନେ ଟମାଟୋ ଫସଲରେ ପାଣି ମଡାଇ ପାରୁନାହାନ୍ତି । ଫଳରେ ଗଛଗୁଡିକ ମରିବାକୁ ବସିଛି । ଟମାଟେ ଫସଲ ଉଜୁଡି ଯାଉଥିବାରୁ ଦର ବଢ଼ିଛି ବୋଲି ଚାଷୀମାନେ କହୁଛନ୍ତି । ଅନ୍ୟପକ୍ଷେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଶୀତଳଭଣ୍ଡାର ନ ଥିବାରୁ ଟମାଟୋକୁ ସଂରକ୍ଷଣ କରାଯାଇପାରୁନାହିଁ ବୋଲି ସ୍ଥାନୀୟ ବ୍ୟବସାୟୀମାନେ କହିଛନ୍ତି । ଟମାଟୋ ଆମଦାନୀ କମ ହେଉଥିବାରୁ ଏହା ଲୋକଙ୍କ ଚାହିଦା ପୂରଣ କରିବାରେ ସକ୍ଷମ ହେଉନାହିଁ । ଏହି ସୁଯୋଗରେ ପାଇକରୀ ବିକ୍ରେତାମାନେ ଦର ବଢ଼ାଇ ଚାଲିଛନ୍ତି ବୋଲି ବହୁ ଗ୍ରାହକ କହିଛନ୍ତି ।

### ଏଏମ୍‌ଏନ୍‌ଏସ୍‌ର ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ପାରାଦୀପ ୧୭ା୫(ସ୍ୱ.ପ୍ର.): ପାରାଦୀପ ଉପକଣ୍ଠ ଗଡ଼ଶିକ୍ସାଞ୍ଚଳରେ ମଙ୍ଗଳବାର ଏଏମ୍‌ଏନ୍‌ଏସ୍ (ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ)କମ୍ପାନୀ ପକ୍ଷରୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଭୂତମୁଣ୍ଡାଇ,ନୂଆଗଡ ଓ ପାରାଦୀପଗଡ ପଞ୍ଚାୟତର ୩୦ ଜଣ ପିଲାଙ୍କୁ ଏଥିରେ ସାମିଲ କରାଯାଇଛି। ଏଥିପାଇଁ ଆୟୋଜିତ କାର୍ଯ୍ୟକ୍ରମରେ କମ୍ପାନୀର ନିର୍ବାହୀ ନିର୍ଦ୍ଦେଶକ ସୁରେଶ ଜି, ଜିଲା ନିୟୋଜନ ଅଧିକାରୀ ତାପସ ସ୍ୱାଇଁ ଓ କମ୍ପାନୀର ଅନ୍ୟ ଅଧିକାରୀମାନେ ସାମିଲ ହୋଇଥିଲେ। ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଅଧୀନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ତାଲିମ ୪୪୦ ଘଣ୍ଟା ଦିଆଯିବ। ଏଥିରେ ୨୦୦ ଛାତ୍ରୀଛାତ୍ର ପରବର୍ତ୍ତୀ ସମୟରେ ଯୋଗଦେବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଉପରୋକ୍ତ ୩ ପଞ୍ଚାୟତର ସରପଞ୍ଚ ସସ୍ମିତା ବେହେରା, ରୋହିତ କୁମାର ଜେନା ଓ ଦେବେନ୍ଦ୍ର କୁମାର ରାଉତ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଏହି କମ୍ପାନୀ ପୂର୍ବରୁ ଏସାରଷ୍ଟିଲ ଥିଲା।ସେତେବେଳେ ସିଏସ୍‌ଆର କାର୍ଯ୍ୟକ୍ରମ ଅଧିନରେ ଶତାଧିକ ଛାତ୍ରୀଛାତ୍ରଙ୍କୁ ଏହିଭଳି ତାଲିମ ଦିଆଯାଇଥିଲା।

### ଗୋରୁ ଗାଡ଼ି ଜବତ, ୫ ଗୋରୁ ଉଦ୍ଧାର

ରସୁଲପୁର,୧୭ା୫(ଡି.ଏନ.ଏ.): କୁଆଖିଆ ଥାନା ଅନ୍ତର୍ଗତ କୁଆଖିଆ ବଜାରରୁ ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ଏକ ଗୋରୁଗାଡି ଜବତ କରିଛି। ଏଥିସହ ୩ଟି ଗାଈ ଓ ୨ଟି ଛଡ଼ାକୁ ଉଦ୍ଧାର କରିଛି। ଗୋରୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ଛତିଆ ନିକଟସ୍ଥ ଗୋ-ଶାଳାରେ ଛାଡ଼ି ଦିଆଯିବ ବୋଲି ଥାନା ଅଧିକାରୀ ଶିବଚରଣ ବେହେରା ସୂଚନା ଦେଇଛନ୍ତି। ଏହି ଘଟଣାକୁ ନେଇ ନଂ.୧୬୮/୨୨ରେ ଏକ ମାମଲା ରୁଜୁ ହୋଇଛି।

# ଉଚ୍ଚ ଜୁଆର ମାଡ଼ରେ ଗାଁ ବନ୍ଧରେ ୩୦ ଫୁଟର ଘାଇ

## ଲୁଣିଜଳ ଘେରରେ ପାଣିଖିଆ ଗାଁ



ମହାକାଳପଡ଼ା,୧୭ା୫(ଡି.ଏନ୍.ଏ.): ସୋମବାର ପୂର୍ଣ୍ଣିମା ତିଥିରେ ସମୁଦ୍ରରେ ଉଚ୍ଚ ଜୁଆର ଉଠିଥିଲା । ଫଳରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ନାଞ୍ଜୁରା ପଞ୍ଚାୟତ ଅଧୀନ ପାଣିଖିଆ ସାନ୍ତାଳପଡ଼ା ଗାଁର ମୁଖ୍ୟ ବନ୍ଧରେ ୩୦ଫୁଟର ଖାଇ ସୃଷ୍ଟି ହୋଇଛି । ପାଣିଖିଆ ଗ୍ରାମ ସମୁଦ୍ର ଜଳ ଘେରରେ ରହିଛି । ସାନ୍ତାଳପଡ଼ାର ମୁଗୁଲୁ ସୋରେନ, ରାଧେଶାମ କିସ୍କୁଙ୍କ ପରିବାର ସମେତ ବହୁ ଲୋକଙ୍କ ଘର ଭିତରେ ଆଣ୍ଠୁଏ ଉଚ୍ଚର ଲୁଣି ପାଣି ଜମି ରହିଛି। ଏଥିପାଇଁ ସେମାନଙ୍କ ଘରେ ଗତ ୨ ଦିନ ହେବ ଚୂଲି ଜଳି ନାହିଁ ବୋଲି ଗ୍ରାମବାସୀ କହିଛନ୍ତି । ଏହି ପଡ଼ାରେ ୫୦ରୁ ଉର୍ଦ୍ଧ୍ୱ ସାନ୍ତଳ ପରିବାର ବସବାସ କରନ୍ତି । ସେହି ପରିବାର ସଦସ୍ୟଙ୍କୁ ଆର୍ଥିକ ସହାୟତା ଯୋଗାଇବା ସହ ସୃଷ୍ଟି ହୋଇଥିବା ଘାଇ ତୁରନ୍ତ ମରାମତି କରିବାକୁ ସାମାଜିକ କର୍ମୀ ସୁବାସ ଚନ୍ଦ୍ର ସ୍ୱାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

# ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ହିତାଧିକାରୀଙ୍କ ଧାରଣା



ଧାରଣା ଦେଇଥିବା ହିତାଧିକାରୀ ।

## ଆମ ପସନ୍ଦର ରିଟେଲରଙ୍କ ପାଖରୁ ଚାଉଳ ଦିଅ

ରାଜନଗର,୧୭ା୫(ଡି.ଏନ.ଏ.)

ଆମେ ଚାହୁଁ ଥିବା ରିଟେଲରଙ୍କ ପାଖରୁ ଆମକୁ ଚାଉଳ ଦିଅ । ଅନ୍ୟତ୍ର ଆମେ ଚାଉଳ ନେବୁନି। ଆମେ ବର୍ତ୍ତମାନ ହିତାଧିକାରୀଙ୍କୁ ଦିଆଯାଉଥିବା ରିଲିଫ୍ ଓ କୋଟା ଚାଉଳ ୪ମାସର ପାଇନାହୁଁ । ଏହାକୁ ନେଇ ଶତାଧିକ ହିତାଧିକାରୀ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ହୋହାଲ୍ଲା କରିବା ସହ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବସି ରହିଥିଲେ। ୩ ଦିନ ମଧ୍ୟରେ ପଦକ୍ଷେପ ନିଆଯିବ ବୋଲି ବିଡିଓଙ୍କ ପ୍ରତିଶ୍ରୁତି ପରେ ରାଶନ କାର୍ଡ ହିତାଧିକାରୀମାନେ ଧାରଣାରୁ ଉଠିଥିଲେ।

ଅଭିଯୋଗ ଅନୁଯାୟୀ, ରାଜନଗର ବ୍ଲକ କେରେଡାଗଡଗାଁର ରିଟେଲର ହଳଧର ସାହୁଙ୍କ ପୁଅ ତାପସ କୁମାର ସାହୁ, ଚଳିତ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି। ପଞ୍ଚାୟତିରାଜ ନିୟମ ଅନୁଯାୟୀ ସରପଞ୍ଚଙ୍କ ପରିବାରର କେହି ରିଟେଲର ରହି ପାରିବେ ନାହିଁ। ସେଥିଲାଗି ଚଳିତ ଏପ୍ରିଲରେ କରାଯାଇଥିବା ରିଟେଲରମାନଙ୍କ ଲାଇସେନ୍ସ ରିନୁଆଲରେ ହଳଧର ସାହୁଙ୍କ ଲାଇସେନ୍ସ ରିନୁଆଲ କରାଯାଇ ନାହିଁ। ବାଲିସାହି ପାଟଣା ପଞ୍ଚାୟତ କାର୍ଯ୍ୟାଳୟରୁ ହିତାଧିକାରୀମାନେ ଚାଉଳ, ଗହମ ନେବା ପାଇଁ କୁହାଯାଇଛି । ମାତ୍ର ହଳଧର ସାହୁଙ୍କଠାରୁ ରାଶନ ସାମଗ୍ରୀ ନେଉଥିବା ହିତାଧିକାରୀମାନେ ବାଲିସାହିପାଟଣା ପଞ୍ଚାୟତ କାର୍ଯ୍ୟାଳୟରୁ ରାଶନ ସାମଗ୍ରୀ ନେବେ ନାହିଁ ବୋଲି ବିଡିଓଙ୍କୁ ଜଣାଇବା ସହ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ହୋହାଲ୍ଲା କରିଥିଲେ। କେରେଡାଗଡ ସରପଞ୍ଚ ତାପସ କୁମାର ସାହୁ, ବାଲିସାହି ପାଟଣା ସରପଞ୍ଚ କୈଳାସଚନ୍ଦ୍ର ପରିଡା, ସମିତିସଭ୍ୟ ପ୍ରଶାନ୍ତ କୁମାର ରାଉତ ପ୍ରମୁଖ ବିଡିଓଙ୍କ ସହ ଏ ସମ୍ପର୍କରେ ହିତାଧିକାରୀମାନଙ୍କୁ ନେଇ ଆଲୋଚନା କରିଥିଲେ। ୩ଦିନ ମଧ୍ୟରେଏହି ସମସ୍ୟାର ସମାଧାନ କରାଯିବ ବୋଲି ବିଡିଓ ରବିନ୍ଦ୍ର କୁମାର ପ୍ରଧାନ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଡ୍ରାଇଭରଙ୍କୁ ମାଡ଼ ମାରି ୨ ଲକ୍ଷ ଲୁଟିନେଲେ

ବ୍ରହ୍ମବରଦା,୧୭ା୫(ଡି.ଏନ.ଏ.)

ଯାଜପୁର ସଦରଥାନା ଅଧୀନ ବରୁଆଁ–ବ୍ରହ୍ମବରଦା ମୁଖ୍ୟ ରାସ୍ତାର କାଦୋ ଖୁଣ୍ଟିପାଟ ନିକଟରୁ ସୋମବାର ରାତି ପ୍ରାୟ ୯ଟାରେ ଜଣେ ପିକଅପ୍ ଭ୍ୟାନ ଡ୍ରାଇଭରଙ୍କଠାରୁ ୨ଲକ୍ଷ ଟଙ୍କା ଲୁଟ୍ ହୋଇଛି। ଲୁଟେରା ୨ଟି ବାଇକ୍‌ରେ ଆସି ସମ୍ପୃକ୍ତ ଡ୍ରାଇଭରଙ୍କୁ ଅଟକାଇ ମାଡ଼ ମାରିଥିଲେ। ଏହାପରେ ଅଚେତ ଗ୍ୟାସ୍ ପକାଇ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଡ୍ରାଇଭରଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଇଛି।

ସୂଚନା ମୁତାବକ, ଧର୍ମଶାଳା ଥାନା ବ୍ରହ୍ମବରଦା ଫାଣ୍ଡି ବନ୍ଧଡ଼ିହ ଗ୍ରାମର ନବଘନ ଜେନାଙ୍କ ବାଦାମ ମଞ୍ଜି ତାଙ୍କ ଡ୍ରାଇଭର ରବିନାରାୟଣ ସ୍ୱାଇଁ ନେଇ ମଧୁବନ ଯାଇଥିଲେ। ସେଠାରେ ବେପାରୀଙ୍କୁ ମଞ୍ଜି ଦେଇ ସ୍ୱାଇଁ ଦୁଇ ଲକ୍ଷ ଟଙ୍କା ଆଣି ଘରକୁ ଫେରୁଥିଲେ। କୌଣସି ସୂତ୍ରରୁ ଖବର ପାଇ ଲଟେରା ତାଙ୍କୁ ପିଛା କରି ଏପରି ଲୁଟ୍ କରିଥିଲେ। ତେବେ ଡ୍ରାଇଭର ଅଚେତ ହୋଇ ପଡ଼ିଥିବାବେଳେ ଜଣେ ବାଇକ ଆରୋହୀ ତାଙ୍କୁ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସମ୍ପୃକ୍ତ ଡ୍ରାଇଭରଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ପ୍ରକାଶ ଥାଉକି, ବରୁଆଁ–ବ୍ରହ୍ମବରଦା ମୁଖ୍ୟ ରାସ୍ତାର ବିଭିନ୍ନ ସ୍ଥାନରେ ବାରମ୍ବାର ଚୋରି, ଡକାୟତି ହେଉଥିବାର ନଜର ରହିଛି। ତେବେ ଉକ୍ତ ରାସ୍ତାରେ ବାରମ୍ବାର ଏଭଳି ଘଟଣା ଘଟୁଥିଲେ ସୁଦ୍ଧା ସଦର ଥାନା ପକ୍ଷରୁ କୌଣସି ଦିନ ପାଟ୍ରୋଲିଂ କରାଯାଉ ନ ଥିବା ଅଭିଯୋଗ ହୋଇଛି।

# ସମବାୟ ବିଭାଗର ତଥ୍ୟ ପାଇଁ ଓସାର ଗଣଧାରଣା

କେନ୍ଦ୍ରାପଡ଼ା ଅଫିସ, ୧୭ା୫

ଓଡିଶା ସୂଚନା ଅଧିକାର ଅଭିଯାନ (ଓସା) କେନ୍ଦ୍ରାପଡା ଜିଲା ଶାଖା ପକ୍ଷରୁ ସୂଚନା ଆଇନ ଅଧିକାର ଅନୁଯାୟୀ ସମବାୟ ବିଭାଗ ତଥ୍ୟ ପାଇବା ପାଇଁ ମଙ୍ଗଳବାର ଗଣଧାରଣା ଦିଆଯାଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ଗଣଧାରଣା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୪ ଦାବି ସମ୍ବଳିତ ଲିଖିତ ପତ୍ର ଏଡିଏମଙ୍କୁ ପ୍ରଦାନ କରାଯାଇଥିଲା। ଏସମ୍ପର୍କରେ ଜିଲା ଆବାହକ ପ୍ରତାପ ଚନ୍ଦ୍ର ମହାନ୍ତି କହିଛନ୍ତି, ସମବାୟ ବିଭାଗ ଅଧୀନ ପ୍ରାଥମିକ କୃଷି ସମବାୟ ସମିତିରେ ବହୁ ଦୁର୍ନିତୀ ହେଉଥିବା ନଜରକୁ ଆସିଛି । ଏହାର ଆର୍ଥିକ କାରବାରର ତଥ୍ୟ ପାଇଁ ଓସାର ସଦସ୍ୟ ଆଇନ ଅନୁଯାୟୀ ଆବେଦନ ପତ୍ର ଦିଆଯାଉଛି । ଏହାସତ୍ତ୍ୱେ ସୂଚନାଦାତା ତଥ୍ୟ ମିଳୁନାହିଁ । ସ୍ୱତନ୍ତ୍ର ଅଡିଟ ଦ୍ୱାରା ଏହି ଆର୍ଥିକ ଦୁର୍ନିତୀର ଚିଠା ପଦାକୁ ଆସିବ । ଏନେଇ ସ୍ଥାନୀୟ ଏଆରସିଏସ୍‌ଙ୍କୁ ବାରମ୍ବାର ଦୃଷ୍ଟିଆକର୍ଷଣ କରାଯାଇଛି । ଏହି ଅଧିକାରୀ ମଧ୍ୟ ସୂଚନା ଆଇନ ଅଧିକାରକୁ ଅଣଦେଖା କରୁଛନ୍ତି । ତଥ୍ୟ ଦେଉ ନ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇ ଏହି ଗଣଧାରଣା ହୋଇଥିଲା ବୋଲି ଜିଲା ଆବାହକ ମହାନ୍ତି କହିଛନ୍ତି । ଏହି ଗଣଧାରଣାରେ ଦୁଷ୍ମନ୍ତ ଆଚାର୍ଯ୍ୟ, ଅର୍ଚ୍ଚନା ମହାନ୍ତି, ଦେବ ଚୌଧୁରୀ, ଆଳୟ ସାମନ୍ତରାୟ, ପବିତ୍ର ପାଣି ପ୍ରମୁଖ ସାମିଲ ହୋଇଥିଲେ ।



ଓସାର କର୍ମକର୍ତ୍ତା ଧାରଣା ଦେଇଛନ୍ତି ।

# ଚାଷୀଙ୍କ ଫସଲ ବୀମା, ଋଣ ସବ୍‌ସିଡ୍ ଟଙ୍କା ଆତ୍ମସାତ୍ ଅଭିଯୋଗ

ଡେରାବିଶ,୧୭ା୫(ସ୍ୱ.ପ୍ର.)

ଡେରାବିଶ ବ୍ଲକ କାଉପଡା ପ୍ରାଥମିକ ସମବାୟ ସମିତିର ଜଣେ ସମ୍ପାଦକ ସମିତି ଅଧୀନ ବହୁ ଚାଷୀଙ୍କ ଫସଲବୀମା ଓ ଋଣସବସିଡ ଟଙ୍କା ଆତ୍ମସାତ୍ କରିଥିବା ବହୁ ଚାଷୀ ଅଭିଯୋଗ କରିଛନ୍ତି । ଏବାବଦରେ ଚାଷିମାନେ ରାଜ୍ୟ ସମବାୟ ନିବନ୍ଧକ,୫–ଟି ସଚିବ, ପାଟକୁରା ବିଧାୟିକାଙ୍କ ସମେତ ଜିଲାପାଳ, ଜିଲା ସମବାୟ ନିବନ୍ଧକ ଓ ଜିଲା ଯୋଗାଣ ଅଧିକାରୀଙ୍କୁ ଜଣାଇଛନ୍ତି ।

ଚାଷୀମାନେ ଦର୍ଶାଇଛନ୍ତି, ୨୦୧୯–୨୦ ଆର୍ଥିକ ବର୍ଷରେ ଫସଲ କ୍ଷୟକ୍ଷତି ପାଇଁ ସମିତି ଅଧୀନ ବହୁ ଚାଷୀଙ୍କ ଜମାଖାତାରେ ଫସଲବୀମା ଟଙ୍କା ସମେତ ଋଣ ସବସିଡ ବାବଦ ଅର୍ଥ ଆସିଥିଲା। ହେଲେ ସଂପୃକ୍ତ ସମିତି ସମ୍ପାଦକ ଚାଷୀମାନଙ୍କୁ ଏବାବଦରେ ଜଣାଇ ନଥିଲେ । ତା' ପରବର୍ଷ ଅର୍ଥାତ୍ ମାର୍ଚ୍ଚ ୨୦୨୧ରେ ସମ୍ପାଦକ ନିଜ ପାଖରେ ରଖୁଥିବା ଚାଷୀମାନଙ୍କ ଚେକ୍ ବହିରେ କୌଶଳକ୍ରମେ ଦସ୍ତଖତ କରାଇ ଚାଷୀଙ୍କ ଜମାଖାତାରୁ ସେହି ଟଙ୍କା ଉଠାଇ ନେଇଥିବା ନେଇ ଗୋପାଳଚନ୍ଦ୍ର ଲେଙ୍କା, ବଂଶୀଧର ବେହେରା, ଅରକ୍ଷିତ ବେହେରା, ଖଗେଶ୍ୱର ବେହେରା, ସନ୍ତୋଷୀ ସ୍ୱାଇଁ ଓ କରୁଣାକର ମଲିକ ପ୍ରମୁଖ ଶତାଧିକ ଚାଷୀ ଅଭିଯୋଗ କରିଛନ୍ତି। ଏପରି କି ସମ୍ପାଦକ ୨୦୨୧ରେ ଉଠାଯାଇଥିବା ଟଙ୍କା ବାବଦ ରସିଦ କେତେଜଣ ଚାଷୀଙ୍କୁ ୨୦୨୨ରେ ଦେଇଥିବା ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଦିଆଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏହି ଅଭିଯୋଗ ବାବଦରେ ଜିଲା ସମବାୟ ନିବନ୍ଧକ ସନ୍ତୋଷ ଦାସଙ୍କୁ ପଚାରିବାରୁ ଏପରି କୌଣସି ଅଭିଯୋଗ ସେ ପାଇ ନ ଥିବା କହିଛନ୍ତି। ଅପରପକ୍ଷରେ ଏହି ଘଟଣା ବାବଦରେ ସଂପୃକ୍ତ ସମିତି ସମ୍ପାଦକ ଗୌରାଙ୍ଗ ପ୍ରଧାନଙ୍କୁ ପଚାରିବାରୁ ୨୦୧୮ ରେ ସମିତି ଅଧୀନ ଚାଟରାଚକଡା, କାଉପଡା, କୁରୁଜଙ୍ଗା ଓ ଗୋଲରାହାଟ ପଞ୍ଚାୟତର କେତେଜଣ ଚାଷି ଏହି ସମବାୟ ବ୍ୟାଙ୍କରୁ ଋଣ ନେଇଥିଲେ। ବୀମା ବାବଦ ଅର୍ଥ ୨୦୨୦ରେ ଆସିବା ପରେ ସମବାୟ ସମିତି ପ୍ରତି ଚାଷୀମାନଙ୍କ ଜମାଖାତାକୁ ସେମାନଙ୍କ ଟଙ୍କା ପଠାଇ ଦେଇଥିଲା। ଏବାବଦରେ ସମ୍ପୃକ୍ତ ଚାଷୀମାନଙ୍କୁ ସମିତି ପକ୍ଷରୁ ସୂଚନା ଦେବା ପରେ ବହୁ ଚାଷୀ ସେମାନଙ୍କ ଟଙ୍କାକୁ ଉଠାଇ ନେଇଥିଲେ। ଏପରି କି ଏବେ ବି ବହୁ ଚାଷୀଙ୍କ ଜମାଖାତାରେ ଉକ୍ତ ଫସଲବୀମା ଟଙ୍କା ରହିଛି। ଅପରପକ୍ଷେ ଦୀର୍ଘଦିନ ହେଲା ଋଣ ନେଇ ବିଲକୁଲ ଶୁଝିବାର ନାମ ଧରୁ ନ ଥିବା ଚାଷୀମାନଙ୍କ ଫସଲବୀମା ଅର୍ଥକୁ ତାଙ୍କ ଋଣ ମୂଳଧନ ବାବଦକୁ ପଇଠ କରାଯାଇଛି। ଏ ସଂକ୍ରାନ୍ତରେ ରସିଦ କଟାଯାଇ ସେମାନଙ୍କୁ ଜଣାଇ ଦିଆଯାଇଛି ବୋଲି ପ୍ରଧାନ କହିଛନ୍ତି। ତେବେ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ମୋ ବିରୋଧରେ ଏହି ଅଭିଯୋଗ କରିଛନ୍ତି । ଏହି ଟଙ୍କା ବାବଦରେ ଯଦି କୌଣସି ଚାଷୀଙ୍କ ଅଭିଯୋଗ ରହିଛି ତେବେ ସେମାନେ ସମିତିକୁ ଆସି ବୁଝିପାରିବେ ବା କାଗଜପତ୍ର ତନଖି କରି ପାରିବେ ବୋଲି ସମିତି ସମ୍ପାଦକ ପ୍ରଧାନ କହିଛନ୍ତି।

# ୨ ଡକାୟତି ଘଟଣାରେ ୧୧ ଗିରଫ

ଆଳି,୧୭ା୫(ଡି.ଏନ.ଏ.)

ଗତ ୨ ମାସ ହେବ କେନ୍ଦ୍ରାପଡ଼ା ଜିଲା ଆଳି ଓ ରାଜକନିକା ଥାନା ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିବା ୫ ଡକାୟତଙ୍କ ସମେତ ୧୧ଜଣଙ୍କୁ ପୋଲିସ ଗିରଫ କରିଛି । ସେମାନଙ୍କଠାରୁ ୨ ଲକ୍ଷ ୪୧ ହଜାର ୫୫୫ ଟଙ୍କା ମୂଲ୍ୟର (୫୩.୬୮୦ଗ୍ରାମ) ସୁନା ଗହଣା, ୧୬୪୮୦ ଟଙ୍କା ମୂଲ୍ୟର (୩୬୮.୩୦୦ଗ୍ରାମ)ରୁପା ଅଳଙ୍କାର, ୩ ମୋଟର ସାଇକେଲ,୨ ଛୁରୀ, ଗ୍ୟାସ କଟର,ବଡ଼ ଛୋଟ ପ୍ଲାସ, ଲାଇଟ ଗନ, ୬ ମୋବାଇଲ ସହିତ ନଗଦ ୨୩ହଜାର ୮୦୦ ଟଙ୍କା ଜବତ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ବଡଆଙ୍କୋ ଗ୍ରାମର ଦୀପକ ମଳିକ ଓ ପ୍ରଶାନ୍ତ ମଳିକ, ପଦିନିପାଳର ସନ୍ତୋଷ ରାୟ, ନିଆଳର ଶ୍ରୀଧର ସିଂ,ଏକମାଣିଆର କାର୍ତ୍ତିକ ମଳିକ । ସେହିପରି ଚୋରୀ ସାମଗ୍ରୀ କିଣିଥିବା ଗୌଡ଼ପାଟଣାର ତପନ ସାହୁ, ବିଲିକଣାର ସର୍ବେଶ୍ୱର ସାହୁ, ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଜୋଡଗଡିଆ ଗାଁର ରବିନ୍ଦ୍ର ନାୟକ, ଖଣ୍ଟପଡାଥାନା ଅନ୍ତର୍ଗତ କୋଶବଜାୟପୁରର ସବିତା


ଗିରଫ ଅଭିଯୁକ୍ତ ଓ ଜବତ ଚୋରି ସାମଗ୍ରୀ ।

## ଲକ୍ଷାଧିକ ଟଙ୍କାର ସୁନା,ରୁପା ଅଳଙ୍କାର ଜବତ

ଦାସ, ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ସୟଦପୁର ଗ୍ରାମର ମନୋଜ କୁମାର ପୋଥାଳ ଓ ଆଖୁନମହଲା ଗ୍ରାମର ରାମିଜ ରାଜା ଖାଁଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି ବୋଲି କେନ୍ଦ୍ରାପଡ଼ା ଏସ୍‌ପି ସନ୍ଦିପ ସଂପଦ ମଡକର ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି ।

ଏହି ଡକାୟତମାନେ ପ୍ରଥମେ ଏକାଧିକ ମନ୍ଦିରରୁ ଚୋରି କରି ସଫଳ ହେବା ପରେ ବିଭିନ୍ନ ଗ୍ରାମରେ ଚୋରି କରି ପୋଲିସ ଆଖିରୁ ନିଦ ହଜେଇ ଦେଇଥିଲେ । ଗତ ୮ ତାରିଖ ଦିନ ଏହି ଡକାୟତମାନେ ଆଳି ଥାନା ଅନ୍ତର୍ଗତ ବଡଆଙ୍କୋ ଗ୍ରାମର ସାଧୁଚରଣ ମହାଳିକଙ୍କ ଘରେ ପଶି ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟି ନେବା ସହ ସାଧୁ ଚରଣ ଓ ତାଙ୍କ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଥିଲେ । ସେହିପରି ଗତ ଏପ୍ରିଲ ୩୦ ତାରିଖ ରାତିରେ ରାଜକନିକା ଥାନା ଅଧୀନ ଭାମଣ୍ଡା ଗ୍ରାମର ମୀନତି ମଳିକଙ୍କ ଘରେ ପଶି ୮୦ ହଜାର ଟଙ୍କା ଓ ମୂଲ୍ୟବାନ ଅଳଙ୍କାର ଲୁଟି ନେଇଥିଲେ । ଆଳି ଥାନାରେ ସାଧୁ ଚରଣ କରିଥିବା ଏତଲା ଓ ରାଜକନିକା ଥାନାରେ ମିନତୀ ମଳିକ କରିଥିବା ଅଭିଯୋଗକୁ ଭିତ୍ତି କରି କେନ୍ଦ୍ରାପଡ଼ା ଜିଲା ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହୁରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଳି ଓ ରାଜକନିକା ପୋଲିସ ତନାଘନା ଚଳାଇବା ପରେ ୧୧ ଅଭିଯୁକ୍ତ ପୋଲିସ କବ୍‌ଜାକୁ ଆସିଥିଲେ । ସେମାନଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ସମସ୍ତ ଘଟଣା ସାମ୍ନାକୁ ଆସିଥିଲା। ଏ ସଂକ୍ରାନ୍ତରେ ଆଳି ଥାନାରେ ଏକ ମାମଲା(ନଂ.୧୬୪/୨୨) ରାଜକନିକା ଥାନା ଏକ ମାମଲା(ନଂ.୧୩୬/୨୨) ରୁଜୁ ହୋଇଥିଲା ।

# ବିଶ୍ୱଐତିହ୍ୟ ତାଲିକାରେ ସ୍ଥାନ ପାଇଲାନି ହୀରକତ୍ରିଭୁଜ

ଚଣ୍ଡିଖୋଲ,୧୭।୫(ଡି.ଏନ.ଏ.)
ପ୍ରଦୀପ୍ତ କୁମାର ପୃଷ୍ଟି

ଓଡ଼ିଶାର ଯାଜପୁର ଓ କଟକ ଜିଲାରେ ବୌଦ୍ଧଧର୍ମର ଐତିହ୍ୟକୁ ନେଇ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଛି, ଯାହାକି ହୀରକତ୍ରିଭୁଜ ନାମରେ ପରିଚିତ ଲଳିତଗିରି, ରତ୍ନଗିରି ଓ ଉଦୟଗିରି। ଏଠାରୁ ଖ୍ରୀଷ୍ଟପୂର୍ବ ୨ୟ ଶତାବ୍ଦୀରୁ ଆରମ୍ଭ କରି ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରାଚୀନ କୀର୍ତ୍ତିରାଜି ଆବିଷ୍କୃତ ହୋଇଛି। ଏଥିଲାଗି ବିଶ୍ୱ ଐତିହ୍ୟରେ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ରତା ଲାଭ କରିଛି। ଏଠାରୁ ଆବିଷ୍କୃତ କୀର୍ତ୍ତିରାଜି ସଂଗ୍ରହାଳୟରେ ସଂରକ୍ଷିତ ହୋଇ ରହିଛି। ମେ' ୧୮କୁ ବିଶ୍ୱ ସଂଗ୍ରହାଳୟ ଦିବସ ଭାବେ ପାଳନ କରାଯାଉଛି। ତେବେ ବିଶ୍ୱର ବିଭିନ୍ନ ସ୍ଥାନରେ ବୌଦ୍ଧ କୀର୍ତ୍ତିରାଜି ପୂର୍ଣ୍ଣ ଐତିହ୍ୟସ୍ଥଳୀକୁ ବିଶ୍ୱ ଐତିହ୍ୟତାଲିକାରେ ସ୍ଥାନିତ କରାଯାଇଛି। ହେଲେ ଏପର୍ଯ୍ୟନ୍ତ ହୀରକତ୍ରିଭୁଜକୁ ବିଶ୍ୱଐତିହ୍ୟ ତାଲିକାରେ ସ୍ଥାନିତ କରିବା ପାଇଁ କୌଣସି ପ୍ରୟାସ ହୋଇନାହିଁ, ଯାହାକୁ ନେଇ ବୁଦ୍ଧିଜୀବୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି।

ଚଳିତ ବର୍ଷ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ତରଫରୁ କଟକ ଜିଲାର ଲଳିତଗିରି ବୁଲେଟ୍ ପ୍ରୁଫ୍ ମ୍ୟୁଜିୟମ ନିକଟରେ ଏହି ସଂଗ୍ରହାଳୟ ଦିବସ ପାଳନ କରାଯିବ। ମାଟିତଳେ ପୋତି ହୋଇ ରହିଥିବା ବୌଦ୍ଧ ଧର୍ମର ବୌଦ୍ଧ ବିହାର, ଶିଳାଲେଖ, ବୁଦ୍ଧମୂର୍ତ୍ତି, ଅବଲୋକେଶ୍ୱର ମୂର୍ତ୍ତି, ତାରା ମୂର୍ତ୍ତି ଓ ବୋଧିସତ୍ତ୍ୱ ମୂର୍ତ୍ତି ଆଦି ଆବିଷ୍କୃତ ହୋଇ ବିଭିନ୍ନ ସଂଗ୍ରହାଳୟରେ ରହିଛି। ସେହିପରି ଭଗବାନ ତଥାଗତ ବୁଦ୍ଧଙ୍କ ଅସ୍ଥି ଲଳିତଗିରିର ସ୍ତୁପମଧ୍ୟରୁ ଆବିଷ୍କୃତ ହୋଇ ଏବେ ସେଠାରେ ନିର୍ମାଣ କରାଯାଇଥିବା ବୁଲେଟ୍ ପ୍ରୁଫ୍ ସଂଗ୍ରହାଳୟ ମଧ୍ୟରେ ରହିଛି। ଚାଇନା ପରିବ୍ରାଜକ ହୁଏନସାଂ ଷଷ୍ଠ ଓ ସପ୍ତମ ଶତାବ୍ଦୀ ମଧ୍ୟରେ ଭାରତ ପରିଭ୍ରମଣରେ ଆସିଥିବାବେଳେ ଏଠାରେ ପ୍ରାଚୀନ ବୌଦ୍ଧ କୀର୍ତ୍ତିରାଜି ରହିଥିବା ନେଇ ସେ ସମୟରେ ତାଙ୍କ ପୁସ୍ତକରେ ଉଲ୍ଲେଖ କରିଥିଲେ। ଏହାପରେ କଟକର ତତ୍କାଳୀନ କଲେକ୍ଟର ଜନ୍ ବିମ୍ସ ଲଳିତଗିରି, ରତ୍ନଗିରି ଓ ଉଦୟଗିରିରେ ବ୍ୟାପକ ବୌଦ୍ଧ କୀର୍ତ୍ତିରାଜି ପୋତି ହୋଇ ରହିଥିବା ନେଇ ପ୍ରକାଶ କରିଥିଲେ। ୧୯୫୬-୬୦ରେ ପ୍ରଥମେ ଡ. ଦେବଳା ମିତ୍ର ରତ୍ନଗିରି ଉତ୍ଖନନ କରି ବହୁ କୀର୍ତ୍ତିରାଜି ଆବିଷ୍କାର କରିଥିଲେ। ଯାହାକି ରତ୍ନଗିରିରେ ଥିବା ସଂଗ୍ରହାଳୟ ମଧ୍ୟରେ ଏବେ ପର୍ଯ୍ୟଟକଙ୍କ ନିମନ୍ତେ ରହିଛି। ୧୯୮୫ରେ ଡ. ଜି.ସି. ଚାଓ୍ବେଲଙ୍କ ଲଳିତଗିରିର ଉତ୍ଖନନ କରାଯାଇଥିଲା।

## ଆଜି ବିଶ୍ୱ ସଂଗ୍ରହାଳୟ ଦିବସ



ଲଳିତଗିରିଠାରେ ନିର୍ମାଣ ହୋଇଥିବା ବୁଲେଟ୍ ପ୍ରୁଫ ମ୍ୟୁଜିୟମ।

ସେତେବେଳେ ଏଠାରେ ଥିବା ବୌଦ୍ଧସ୍ତୁପ ଆବିଷ୍କୃତ ହୋଇଥିଲା। ଏହି ବୌଦ୍ଧସ୍ତୁପ ମଧ୍ୟରେ ତିନୋଟି ଫରୁଆ ରହିଥିଲା। ପ୍ରଥମ କାଠ ଫରୁଆ, ତା ମଧ୍ୟରେ ରୁପା ଫରୁଆ ଓ ତା' ମଧ୍ୟରେ ସୁନାର ଫରୁଆ ରହିଥିଲା। ଏହି ସୁନା ଫରୁଆ ମଧ୍ୟରେ ସୁନା ତାରରେ ବୁଦ୍ଧଙ୍କ ଅସ୍ଥି ରହିଥିଲା। ଯାହାକୁ ଆବିଷ୍କାର କରିବା ପରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ଓ ଐତିହାସିକମାନେ ଆଶ୍ଚର୍ଯ୍ୟ ହୋଇଥିଲେ। ତେବେ ଏହି ଅସ୍ଥିକୁ ନେଇ ରାଜ୍ୟ ସଂଗ୍ରହାଳୟରେ ରଖିବା ଯୋଗୁ ଲଳିତଗିରି ଗ୍ରାମବାସୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଥିଲା। ସେମାନେ ଓଡ଼ିଶାରେ ଥିବା ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣର ଶାଖା କାର୍ଯ୍ୟାଳୟ ସହିତ ଯୋଗାଯୋଗ କରି ଲଳିତଗିରିରେ ସଂଗ୍ରହାଳୟ ସ୍ଥାପନ କରି ବୁଦ୍ଧଙ୍କ ଅସ୍ଥିକୁ ରଖିବାକୁ ନିବେଦନ କରିଥିଲେ। କୌଣସି ସଫଳତା ନ ମିଳିବାରୁ ବୁଦ୍ଧାୟନର ସଭାପତି ପ୍ରଦୀପ୍ତ କୁମାର ଭୂୟାଁ, ଉପସଭାପତି ବେବର୍ତ୍ତା ଅଜୟ ବଲ୍ଲଭ ଦାସ ଓ ସମ୍ପାଦକ ଦେବେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଦିଲ୍ଲୀଚାଲ ଅଭିଯାନ ଆରମ୍ଭ ହୋଇଥିଲା।

ଐତିହାସିକ ଡ. ହରିଶ୍ଚନ୍ଦ୍ର ପୃଷ୍ଟିଙ୍କୁ ସାଥିରେ ଧରି ୨୦୦୭ରେ ଦିଲ୍ଲୀ ଯାଇ ତତ୍କାଳୀନ ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗର ମହାନିର୍ଦ୍ଦେଶକ ଡ. ଗୌତମସେନ୍ ଗୁପ୍ତାଙ୍କୁ ଭେଟି ଏହି ଦାବି ରଖିଥିଲେ। ପରେ ଲୋକସଭାରେ ଏଥିନେଇ ପ୍ରଶ୍ନ ଉଠିଥିଲା। ସେ ସମୟରେ ଯାଜପୁରର ଏମ୍‌ପି ମୋହନ ଜେନା ଲୋକସଭାରେ ଲଳିତଗିରିଠାରେ ବୁଦ୍ଧଙ୍କ ଅସ୍ଥିକୁ ସଂଗ୍ରହାଳୟରେ ରଖିବା ପାଇଁ ଦାବି କରିଥିଲେ। ଯାହାକୁ ଓଡ଼ିଶାର ୧୦ ଜଣ ଏମ୍‌ପି ସମର୍ଥନ କରିଥିଲେ। ଏହାପରେ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ତରଫରୁ ଏକ ଟିମ୍ ଆସି ଲଳିତଗିରିରେ ସର୍ଭେ କାର୍ଯ୍ୟ କରିଥିଲେ। ଦାବି ଏତେ ପ୍ରବଳ ହୋଇଥିଲା ଯେ କେନ୍ଦ୍ର ସଂସ୍କୃତି ବିଭାଗ ଓ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଲଳିତଗିରିଠାରେ ମ୍ୟୁଜିୟମ କରିବାକୁ ସ୍ଥିର କଲେ। ୨୦୧୫ରେ ବୁଲେଟ୍ ପ୍ରୁଫ୍ ମ୍ୟୁଜିୟମ ନିର୍ମାଣ କରାଯାଇଥିଲା। ଏହା ୨୦୧୮ ଡିସେମ୍ବର ୨୪ରେ ଶେଷ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଭିଡିଓ କନ୍‌ଫରେନ୍ସ ଜରିଆରେ ଉଦ୍‌ଘାଟନ କରିଥିଲେ। ଆଜି ସେହି ସଂଗ୍ରହାଳୟ ଦେଖିବା ପାଇଁ ଲକ୍ଷଲକ୍ଷ ପର୍ଯ୍ୟଟକ ଏବଂ ବହୁ ଗବେଷକ ଆସୁଛନ୍ତି। ହେଲେ ହୀରକତ୍ରିଭୁଜ ଅନ୍ତର୍ଗତ ଯାଜପୁରର ଉଦୟଗିରିଠାରେ ଏପର୍ଯ୍ୟନ୍ତ ସଂଗ୍ରହାଳୟଟିଏ ସ୍ଥାପନ ହୋଇପାରିଲା ନାହିଁ। ଏଠାରୁ ଦୁଇ ଦୁଇଟି ବୌଦ୍ଧ ମହାବିହାର ଆବିଷ୍କୃତ ହୋଇଛି। ଗୋଟିଏକୁ ସିଂହପ୍ରସ୍ଥ ମହାବିହାର କୁହାଯାଉଥିବାବେଳେ ଅନ୍ୟଟିକୁ ମାଧବପୁର ମହାବିହାର କୁହାଯାଉଛି। ଏଠାରୁ ଆବିଷ୍କୃତ ପ୍ରାଚୀନ ବୌଦ୍ଧ ମୂର୍ତ୍ତିମାନ ଷ୍ଟୋର ରୁମ୍‌ରେ ଗଚ୍ଛିତ ହୋଇଛି। ୧୬ତାରିଖ ବୁଦ୍ଧ ଜୟନ୍ତୀ ପାଳନ ଅବସରରେ ଉଦୟଗିରିଠାରେ ସଂଗ୍ରହାଳୟ ସ୍ଥାପନ କରିବାକୁ ବଡ଼ଚଣା ବିଧାୟକ ଅମରପ୍ରସାଦ ଶତପଥୀ ଓ ପୂର୍ବତନ ବିଧାୟକ ସୀତାକାନ୍ତ ମହାପାତ୍ର ଦାବି କରିଛନ୍ତି। ଉଦୟଗିରିଠାରେ ସଂଗ୍ରହାଳୟ ସ୍ଥାପନ ନେଇ ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗ ଓଡ଼ିଶା ଶାଖାର ଅଧୀକ୍ଷକ ଅରୁଣ କୁମାର ମଲ୍ଲିକଙ୍କୁ ପଚାରିବାରେ ସେ କୁହନ୍ତି, ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନ ପାଇବାକୁ ହେଲେ ଏହାର ପାରିପାର୍ଶ୍ୱିକ ପରିବେଶ ଉନ୍ନତ ହେବା ଆବଶ୍ୟକ। ଏହାପରେ ୟୁନେସ୍କୋକୁ ଏନେଇ ପ୍ରସ୍ତାବ ଦିଆଯିବ। ତେବେ ଏ ପର୍ଯ୍ୟନ୍ତ ଏହାର ପାରିପାର୍ଶ୍ୱିକ ପରିବେଶ ଠିକ୍ ହୋଇନାହିଁ। ସେହିପରି ଉଦୟଗିରିଠାରେ ସଂଗ୍ରହାଳୟ ନିର୍ମାଣ ପାଇଁ ଏପର୍ଯ୍ୟନ୍ତ କୌଣସି ପ୍ରସ୍ତାବ କାର୍ଯ୍ୟକାରୀ ହୋଇନାହିଁ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଡକାୟତି ଯୋଜନା ବେଳେ ଚଢ଼ାଉ, ୭ ଗିରଫ

କଳିଙ୍ଗନଗର,୧୭।୫(ଡି.ଏନ.ଏ.): ଦାନଗଦି ନିକଟ ଧୂଳିଗଡ଼ ଜଙ୍ଗଲରେ ସୋମବାର ରାତିରେ ଡକାୟତି ଯୋଜନା ବେଳେ ୭ ଯୁବକ ଧରା ପଡ଼ିଛନ୍ତି। ପୋଲିସ ସେମାନଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ବିଶ୍ୱସ୍ତସୂତ୍ରରୁ ଖବର ପାଇ ଦାନଗଦି ଫାଣ୍ଡି ଅଧିକାରୀ ଅଜୟ ସାହୁ ସଦଳବଳ ସେଠାରେ ଚଢ଼ାଉ କରି ସମ୍ପୃକ୍ତ ଯୁବକମାନଙ୍କୁ ଧରିବା ସହିତ ସେମାନଙ୍କ ନିକଟରୁ କତା, ଦଉଡି ଓ କଳା ମୁଖା ଜବତ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଯାଜପୁର ରୋଡ ଥାନା ଯୋଡ଼ାବର ଗ୍ରାମର ରାଜୁ ବାଲମୁଚ, ସାପଗଡ଼ିଆ ଗ୍ରାମର ସୁରେଶ ପାତ୍ର, ଭୁବନେଶ୍ୱର ସହିଦନଗର ଥାନା ପଥରବନ୍ଧବସ୍ତିର ନରସିଂ ସୋରେନ, ଯାଜପୁର ରୋଡ ଥାନା ଗଣେଶ ବଜାର ତେଲେଙ୍ଗା ସାହିର କେ. କ୍ରିଷ୍ଣା ରାଓ, ଧବଳଗିରିର ମହେଶର ମୁଖୀ, ଦାନଗଦି ଫାଣ୍ଡି ଧୂଳିଗଡ଼ ଅଞ୍ଚଳର ସତ୍ୟବ୍ରତ ଦେହୁରୀ ଓ କେନ୍ଦୁଝର ଜିଲା ଘସିପୁରା ଥାନା ବାରିଗାଁର ସୁରେଶ ଜେନା। ଦାନଗଦି ବଜାରରେ ଥିବା ଏକ ବଡ଼ ଦୋକାନରୁ ଡକାୟତି ପାଇଁ ସେମାନେ ଯୋଜନା କରୁଥିବା ସ୍ୱୀକାର କରିଥିବା ପୋଲିସ ସୂଚନା ଦେଇଛି। ଏନେଇ ନଂ.୩୪୮/୨୨ରେ ମାମଲା ରୁଜୁ ହୋଇଛି।

### ଗୋରୁ ବୋଝେଇ ଗାଡ଼ି ଜବତ, ୫ ଗୋରୁ ଉଦ୍ଧାର

ରସୁଲପୁର,୧୭।୫(ଡି.ଏନ.ଏ.): କୁଆଖିଆ ଥାନା କୁଆଖିଆ ବଜାରରୁ ମଙ୍ଗଳବାର ପୋଲିସ ଏକ ଗୋରୁଗାଡି ଜବତ କରିଛି। ଏଥିସହ ୩ଟି ଗାଈ ଓ ୨ଟି ବାଛୁରିକୁ ଉଦ୍ଧାର କରିଛି। ଗୋରୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ଛତିଆ ନିକଟସ୍ଥ ଗୋ-ଶାଳାରେ ଛାଡ଼ି ଦିଆଯିବ ବୋଲି ଥାନା ଅଧିକାରୀ ଶିବଚରଣ ବେହେରା ସୂଚନା ଦେଇଛନ୍ତି। ଏହି ଥାନା ଶ୍ରୀବନ୍ତପୁର ପଞ୍ଚାୟତ ସାରଙ୍ଗପୁର ଗ୍ରାମରୁ ଏକ ଡାଲା ଅଟୋରେ ମଙ୍ଗଳପୁର ଥାନା ଇଚ୍ଛାପୁର ଅଞ୍ଚଳର ନଇମ ଖାଁ ଗୋରୁ ବୋଝେଇ କରି ଯାଜପୁର ଟାଉନ ଅଞ୍ଚଳକୁ ନେଉଥିଲେ। ଏହି ଦୃଶ୍ୟ ବଜାରରେ ପାଟ୍ରୋଲିଂରେ ଥିବା ପୋଲିସ ଭ୍ୟାନ ନଜରରେ ପଡ଼ିଥିଲା। ତେଣୁ ପୋଲିସ ଉକ୍ତ ଗାଡ଼ିକୁ ଜବତ କରିଥିଲା। ଥାନା ଅଧିକାରୀ ସାହୁ ଚାଳକଙ୍କୁ ଅଟକ ରଖି ପଚରା ଉଚୁରା କରିଥିଲେ। ଚାଳକ ନାବାଳକ ବୋଲି ପୋଲିସ ସନ୍ଦେହକରି ଯାଞ୍ଚ ଚଳାଇଛି। ନଂ.୧୬୮/୨୨ରେ ମାମଲା ରୁଜୁ ହୋଇଛି। ଏଏସ୍‌ଆଇ ଦେବପଦ ମହାନ୍ତି ଘଟଣାର ତଦନ୍ତ କରୁଛନ୍ତି।

### ଖବରକାଗଜ ଏଜେଣ୍ଟଙ୍କ ପିତୃ ବିୟୋଗ

ଯାଜପୁର ଟାଉନ,୧୭।୫(ଡି.ଏନ.ଏ.): ଯାଜପୁର ସହରର ଖବରକାଗଜ ଏଜେଣ୍ଟ ପ୍ରଦୀପ କୁମାର ରାୟ(ପୁଲକ)ଙ୍କ ପିତା ଜ୍ଞାନେନ୍ଦ୍ର ବଲ୍ଲଭ ରାୟ(୮୮)ଙ୍କ ପରଲୋକ ହୋଇଛି। ସେ ହୃଦ୍‌ରୋଗ ଜନିତ କାରଣରୁ କିଛିଦିନ ପୂର୍ବରୁ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁଅ ଆଲୋକ, ପୁଲକ, ଦୀପକ, ରୂପକ, ବୋହୂ ତଥା ୧୪ନଂ. ୱାର୍ଡ କାଉନସିଲର ତିଲୋତ୍ତମା ରାୟଙ୍କ ସମେତ ସମସ୍ତ ବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଯାଜପୁର ପ୍ରାକ୍ତନ ପୌରାଧକ୍ଷ ଭବପ୍ରସାଦ ଦାସ, ପୌରଉପାଧକ୍ଷ ସନ୍ତୋଷ ମଲ୍ଲିକ, ବିଭିନ୍ନ ୱାର୍ଡର କାଉନସିଲରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ରାୟଙ୍କ ବାରୁଣୀ ମହାଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ପୁଅ ଆଲୋକ ମୁଖାଗ୍ନି ଦେଇଛନ୍ତି।

# ନ୍ୟାୟ ଦାବିରେ ମଙ୍ଗଳପୁର ଥାନା ଘେରାଉ


ଅଞ୍ଚଳବାସୀ ଥାନା ଘେରାଉ କରିଛନ୍ତି।

ଯାଜପୁର ଅଫିସ,୧୭।୫

ଯାଜପୁର ଜିଲା ମଙ୍ଗଳପୁର ଥାନା କମାରଡିହ ପଞ୍ଚାୟତ ଅନ୍ତର୍ଗତ ଇଟାପଡା ଗ୍ରାମର ଅକ୍ଷୟ ବାରିକ (୨୫)ଙ୍କୁ ହତ୍ୟା ଅଭିଯୋଗ ଘଟଣାକୁ ନେଇ ମଙ୍ଗଳବାର ଅଞ୍ଚଳବାସୀ ଥାନା ଘେରାଉ କରିଥିଲେ। ଅଭିଯୋଗ ଅନୁଯାୟୀ, କୟାଁ ପଞ୍ଚାୟତ ଅଧୀନ ଧରମପୁର ଗ୍ରାମକୁ ସଂଯୋଗ କରୁଥିବା କଉଡିଆ ନାଳରୁ ଗତ ଶନିବାର ଅକ୍ଷୟଙ୍କ ମୃତଦେହକୁ ପୋଲିସ ଜବତ କରିଥିଲା। ଏ ନେଇ ପୋଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଜାରୀ ରଖିଥିବାବେଳେ ତଦନ୍ତର ପ୍ରକ୍ରିୟାକୁ ନେଇ ସନ୍ତୁଷ୍ଟ ହୋଇପାରି ନାହାନ୍ତି ମୃତ ଅକ୍ଷୟଙ୍କ ପରିବାର ଓ କମାରଡିହ ଏବଂ କୟାଁ ପଞ୍ଚାୟତବାସୀ। ଯାହାକୁ ନେଇ ମଙ୍ଗଳବାର ପୂର୍ବାହ୍ନ ୧୦ଟା ସମୟରେ ଉଭୟ ପଞ୍ଚାୟତରୁ ମହିଳା ଓ ପୁରୁଷମାନେ ମଙ୍ଗଳପୁର ଥାନା ଘେରାଉ କରିଥିଲେ।

ଅକ୍ଷୟଙ୍କ ପରିବାରବର୍ଗ ସମେତ କମାରଡିହ ପଞ୍ଚାୟତର ସରପଞ୍ଚ ଚିତ୍ତରଞ୍ଜନ ନାୟକ, ଯୁବନେତା ପ୍ରିୟବ୍ରତ ବିଶ୍ୱାଳ, ପୂର୍ବତନ ସରପଞ୍ଚ ସୁବାସ ସେଠୀ, ଦେବେନ୍ଦ୍ର ପୃଷ୍ଟି, କୟାଁ ପଞ୍ଚାୟତର ସମିତି ସଭ୍ୟ ରୋଶନ ଦାସ, ପୂର୍ବତନ ସରପଞ୍ଚ ପ୍ରଶେଷ ସୂତାର, ଉପେନ୍ଦ୍ର ବାରିକ୍, ସସ୍ମିତା ବାରିକ୍, ଶ୍ରଦ୍ଧାଞ୍ଜଳି ବାରିକ୍, ରାଜୀବ ବିଶ୍ୱାଳ, ଶ୍ରୀନାଥ ଜେନା, ଦିଲିପ ନାୟକ, ଶଶିକାନ୍ତ ବାରିକ୍, ପ୍ରମୋଦ ପଣ୍ଡା, ଗଜେନ୍ଦ୍ର ଦାସ, ଭରତଚନ୍ଦ୍ର ବାରିକ୍, ସନ୍ତୋଷ ପଣ୍ଡା ପ୍ରମୁଖଙ୍କ ନେତୃତ୍ୱରେ ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ପରେ ମଙ୍ଗଳପୁର ଥାନା ଅଧିକାରୀ ରୀନାରାଣୀ ସାହୁ ଧାରଣାରତ ପଞ୍ଚାୟତବାସୀଙ୍କ ସହିତ ଆଲୋଚନା କରିବା ସହିତ ଖୁବ୍ ଶୀଘ୍ର ଏହି ଘଟଣାରେ ସଂପୃକ୍ତ ଥିବା ଅଭିଯୁକ୍ତମାନଙ୍କୁ ଗିରଫ କରାଯିବାକୁ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଇଟାପଡା ଗ୍ରାମର ସୁରେନ୍ଦ୍ର ବାରିକ୍‌ଙ୍କ ପୁଅ ଅକ୍ଷୟ ଗତ ଶୁକ୍ରବାର ଏକ ବିବାହ ଉତ୍ସବରେ ଯୋଗଦେବାକୁ ଯାଇଥିଲେ। ହେଲେ ସେ ଘରକୁ ଆଉ ଫେରି ନ ଥିଲେ। ଶନିବାର ଅପରାହ୍ନରେ ତାଙ୍କ ମୃତଦେହ ଧରମପୁର ଗ୍ରାମ ନିକଟସ୍ଥ କଉଡିଆ ନାଳରୁ ମିଳିଥିଲା। ରବିବାର ଅକ୍ଷୟଙ୍କ ବାପା ସୁରେନ୍ଦ୍ର ମଙ୍ଗଳପୁର ଥାନାରେ ତାଙ୍କୁ ପୁଅକୁ ମଦ ପିଆଇ ପଥରରେ ପିଟି ହତ୍ୟା କରିଥିବା ନେଇ ଅଭିଯୋଗ କରିଥିଲେ। ଏ ନେଇ ମଙ୍ଗଳପୁର ପୋଲିସ ଏକ ମାମଲା (ନଂ. ୩୧୩/୨୨) ରୁଜୁ କରି ତଦନ୍ତ ଚଳାଇଛି।

## ଅକ୍ଷୟ ହତ୍ୟା ଅଭିଯୋଗ ଘଟଣା

# ଟ୍ରକ୍ ଚାଳକଙ୍କୁ ଆକ୍ରମଣ ଅଭିଯୋଗରେ ୩ ଗିରଫ

ଧର୍ମଶାଳା,୧୭।୫(ଡି.ଏନ.ଏ.)

ଜେନାପୁର ଥାନା ଅନ୍ତର୍ଗତ ଅଞ୍ଜିରାଠାରେ ଟ୍ରକ୍ ଚାଳକଙ୍କୁ ବେଆଇନ ଚାନ୍ଦା ମାଗିବା ସହ ଆକ୍ରମଣ ଅଭିଯୋଗରେ ପୋଲିସ ୩ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଏହି ଥାନା ରାଧାକାନ୍ତପୁର ଗ୍ରାମର ସୁବଳ ପ୍ରଧାନ (୨୪), ପପୁ ପ୍ରଧାନ (୨୬) ଓ ପ୍ରହ୍ଲାଦ ପ୍ରଧାନ(୩୦) ବୋଲି ଜଣାପଡ଼ିଛି।

ସୂଚନା ମୁତାବକ, କେନ୍ଦୁଝର ଜିଲା ସୋସୋ ଥାନା କାନପୁର ଗ୍ରାମର ଟ୍ରକ୍ ଡ୍ରାଇଭର ଗୌରାଙ୍ଗ ଖମାରୀ ସୋମବାର ରାତିରେ ଟ୍ରକ୍‌ରେ ଏଠାରୁ ଚିପ୍ସ ବୋଝେଇ କରି କେନ୍ଦୁଝର ଯାଉଥିଲେ। ଅଞ୍ଜିରା ଛକ ନିକଟରେ ରାତି ୧୨ଟା ସମୟରେ ସମ୍ପୃକ୍ତ ୩ ଯୁବକ ଟ୍ରକ୍ ଅଟକାଇ ଚାନ୍ଦା ମାଗିବା ସହ ତାଙ୍କୁ ମାଡ଼ ମାରିଥିଲେ। ଏନେଇ ଗୌରାଙ୍ଗ ଜେନାପୁର ପୋଲିସକୁ ଫୋନ ଯୋଗେ ଜଣାଇଥିଲେ। ତେବେ ପୋଲିସ ସେଠାରେ ପହଞ୍ଚିବା ସମୟରେ ଯୁବକମାନେ ଫେରାର ହୋଇଯାଇଥିଲେ। ପୋଲିସ ସେମାନଙ୍କୁ ଚିହ୍ନଟ କରି ଅଞ୍ଜିରା ଛକର କିଛି ଦୂରରୁ ଗିରଫ କରିବା ସହ ସେମାନେ ବ୍ୟବହାର କରୁଥିବା ଏକ ବାଇକ୍‌କୁ ଜବତ କରିଥିଲା। ଏନେଇ ଥାନାରେ ନଂ.୧୩୦/୨୨ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# ନାବାଳିକା ଉଦ୍ଧାର

ଜଗତ୍‌ସିଂହପୁର ଅଫିସ, ୧୭।୫

ଜଗତ୍‌ସିଂହପୁର ଏସଭିଏମ୍ କଲେଜ ଛକରୁ ୨୮ ଏପ୍ରିଲ ୨୦୨୨ରେ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଏନେଇ ଜଗତ୍‌ସିଂହପୁର ଥାନାରେ ମାମଲା ରୁଜୁ କରାଯିବା ସହ ନାବାଳିକାଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ମଙ୍ଗଳବାର ପଶ୍ଚିମବଙ୍ଗ ମୁର୍ଷିଦାବାଦରୁ ସମ୍ପୃକ୍ତ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ଏଥିସହ ଅଭିଯୁକ୍ତ ବିରିଡି ଥାନା ଅନ୍ତର୍ଗତ ଗୋପୀନାଥପୁର ବାଲିଆ ଗ୍ରାମର ମନୋଜ ସ୍ୱାଇଁଙ୍କୁ ଗିରଫ କରାଯାଇଛି ବୋଲି ଜଗତ୍‌ସିଂହପୁର ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

# ଜିଲାପାଳ, ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି



ଅଧିକାରୀମାନେ ଲୋକଙ୍କ ଅଭିଯୋଗର ଶୁଣାଣି କରୁଛନ୍ତି।

ଚଣ୍ଡିଖୋଲ,୧୭।୫(ଡି.ଏନ.ଏ.)

ବଡ଼ଚଣା ବ୍ଲକ ଦକ୍ଷତା ବିକାଶ ସଭାଗୃହ ପରିସରରେ ମଙ୍ଗଳବାର ଯାଜପୁର ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୧୫ଟି ଅଭିଯୋଗ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୩୦୭ଟି ଅଭିଯୋଗ ହୋଇଥିବା ବେଳେ ସାମୂହିକ ଭାବେ ୮ଟି ଅଭିଯୋଗ ହୋଇଥିଲା। ଅଭିଯୋଗ କରିବାକୁ ଆସିଥିବା ବ୍ୟକ୍ତିଙ୍କ ମଧ୍ୟରୁ ରେଡ୍‌କ୍ରସ ତରଫରୁ ୧୨ ଓ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୧୨ଜଣଙ୍କୁ ସହାୟତା ପ୍ରଦାନ କରାଯିବ ବୋଲି ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଓ ଏସ୍‌ପି ରାହୁଲ ପିଆର୍ ସୂଚନା ଦେଇଛନ୍ତି। ଶିବିରରେ ୧୬୩ଟି ମାମଲାର ତତ୍କାଳ ସମାଧାନ କରାଯାଇଥିଲା। ଅନ୍ୟଗୁଡ଼ିକ ଶୀଘ୍ର ସମାଧାନ କରାଯିବ ବୋଲି ଜିଲାପାଳ କହିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ ବେଉରିଆ, ଏସ୍‌ଡିପିଓ ଚିନ୍ମୟ ନାୟକ, ବଡ଼ଚଣା ବିଡିଓ ଅଜିତ୍ ନାରାୟଣ ପ୍ରସାଦ ଗିରି, ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଶୁଣାଣିରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଗ୍ରାମ ପଞ୍ଚାୟତ ଅଧିକାରୀ ଅମିୟ ଭୁଷଣ ନାଥ ସହଯୋଗ କରିଥିଲେ।

# ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ବରୀ,୧୭।୫(ଡି.ଏନ.ଏ.)

ବରୀ ବ୍ଲକ୍ ଅଧୀନ ଅଙ୍ଗାଲୋ ପଞ୍ଚାୟତର ସାମେଶ୍ୱର ମହାଦେବ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମଧୁସୂଦନପୁର ପଞ୍ଚାୟତର ସରପଞ୍ଚ ସୂଚିତ୍ରା ମଲିକ ପୀଠକୁ ଏକ ରୌପ୍ୟ ମୁକୁଟ ପ୍ରଦାନ କରିଛନ୍ତି। ତାଙ୍କୁ ଆଞ୍ଚଳିକ ଉନ୍ନୟନ ପରିଷଦ ତରଫରୁ ସଭାପତି ନରହରି ସାମଲ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସାମଲ, କୋଷାଧ୍ୟକ୍ଷ ସନାତନ ସୁବୁଦ୍ଧି ରାୟ ମହାପାତ୍ର ପ୍ରମୁଖ ପ୍ରଶଂସା କରିଛନ୍ତି। ଆଗାମୀ ଦିନରେ ଏହି ଅନୁଷ୍ଠାନ ଏକ ବୃକ୍ଷର ଆୟୁଷ ଲାଭ କରୁ। ଯେଉଁ ବୃକ୍ଷର ଜନ୍ମ ଅଛି ମୃତ୍ୟୁ ନାହିଁ। ସେଭଳି ଏକ ଅନୁଷ୍ଠାନର ଉନ୍ନୟନମୂଳକ କାର୍ଯ୍ୟକୁ ବରୀ ବିଧାୟିକା ସୁନନ୍ଦା ଦାସ ଗୁରୁତ୍ୱ ଦେବା ଓ ଉନ୍ନତୀକରଣ ନିମନ୍ତେ ସହଯୋଗ ଜାରି ରଖିବା ଯୋଗୁ ସାଧାରଣରେ ପ୍ରଶଂସା କରାଯାଇଛି।


ମଧୁସୂଦନପୁର ସରପଞ୍ଚ ସାମେଶ୍ୱର ମହାଦେବ ପୀଠକୁ ରୌପ୍ୟ ମୁକୁଟ ପ୍ରଦାନ କରୁଛନ୍ତି।

# ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନାହାନ୍ତି ବିଶେଷଜ୍ଞ

- ରୋଗୀ ଯାଉଛନ୍ତି ମୁଖ୍ୟ ଚିକିତ୍ସାଳୟ
- ୬ ଜଣଙ୍କ ଜାଗାରେ ଅଛନ୍ତି ୨ ଷ୍ଟାଫ ନର୍ସ

ବରୀ,୧୭।୫(ଡି.ଏନ.ଏ.)

ବରୀ ବ୍ଲକ ଅଧୀନ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନାନା ଅବ୍ୟବସ୍ଥା ଲାଗି ରହିଛି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ବାଲିଆ, ରତ୍ନଗିରି, କୃଷ୍ଣନଗର, କଳାମାଟିଆ ଓ ଅଙ୍ଗାଲୋ ୫ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ମାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବରୀ ବ୍ଲକ୍‌ର ୨୯ ପଞ୍ଚାୟତ ମଧ୍ୟରୁ ବୋଦୁଅ, ଅଙ୍ଗାଲୋ ଓ ମଧୁସୂଦନପୁର ପଞ୍ଚାୟତକୁ ଛାଡ଼ିଦେଲେ ଅବଶିଷ୍ଟ ୨୬ ପଞ୍ଚାୟତର ଜନସାଧାରଣ ନିର୍ଭର କରିଥାନ୍ତି। କିନ୍ତୁ ଆବଶ୍ୟକ ସଂଖ୍ୟକ ଡାକ୍ତର ନ ରହିବା ଯୋଗୁ ସ୍ୱାସ୍ଥ୍ୟସେବା ପାଇବା କ୍ଷେତ୍ରରେ ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାରୀ ନିୟମ ମୁତାବକ ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୭ ଏମ୍‌ବିବିଏସ୍ ଓ ୩ ବିଶେଷଜ୍ଞ ଡାକ୍ତର ରହିବା କଥା। କିନ୍ତୁ ଏବେ ୭ ଏମ୍‌ବିବିଏସ୍‌ଙ୍କୁ ବାଦ ଦେଲେ କେହି ବିଶେଷଜ୍ଞ ନାହାନ୍ତି। ସେହିପରି ଷ୍ଟାଫ ନର୍ସ ୬ଜଣଙ୍କ ବଦଳରେ ମାତ୍ର ୨ ଓ ଚତୁର୍ଥ ଶ୍ରେଣୀ ପଦବୀ ୪ ଜଣଙ୍କ ବଦଳରେ ମାତ୍ର ଜଣେ ରହିଛନ୍ତି।



ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

ଅନ୍ୟପକ୍ଷରେ ବିଧାୟିକା ଭାବେ ସୁନନ୍ଦା ଦାସ ନିର୍ବାଚିତ ହେବା ପରେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିତ୍ର ବଦଳାଇବାକୁ ସ୍ୱାସ୍ଥ୍ୟବିଭାଗ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି କହିଥିଲେ। ହେଲେ ତାହା ଅଦ୍ୟାବଧି ଫଳପ୍ରଦ ହୋଇନାହିଁ। ରାଜ୍ୟ ବିଜେଡି ସମ୍ପାଦକ ବିଶ୍ୱରଞ୍ଜନ ମଲ୍ଲିକ ମଧ୍ୟ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ସମାଧାନ ଉପରେ ଗୁରୁତ୍ୱାରୋପ କରିବେ ପ୍ରତିଶ୍ରୁତି ଦେଇଥିଲେ। ତାହା ମଧ୍ୟ କାର୍ଯ୍ୟକାରୀ ହୋଇପାରି ନାହିଁ। ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତମ ସ୍ୱାସ୍ଥ୍ୟ ବ୍ୟବସ୍ଥା ନ ଥିବା ଆଳ ଦେଖାଇ ଡାକ୍ତରମାନେ ସାଧାରଣ ରୋଗୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଉଛନ୍ତି। ଫଳରେ ଗରିବ ରୋଗୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିସହିତ ଅନ୍ତଃବିଭାଗରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଶୁଖିଲା ଖାଦ୍ୟ ଯୋଗାଇ ଦେବାର ନିୟମ ରହିଥିବାବେଳେ ସମ୍ପୃକ୍ତ ରୋଗୀ ଏହି ସେବାରୁ ବଞ୍ଚିତ ହେଉଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ରୋଗୀ ଓ ତାଙ୍କ ସମ୍ପର୍କୀୟ ଅଭିଯୋଗ କଲେ ମଧ୍ୟ ଏହାର କୌଣସି ସୁଫଳ ମିଳିପାରି ନାହିଁ। ତେଣୁ ଏଠାରେ ଥିବା ଅବବ୍ୟସ୍ଥାର ତୁରନ୍ତ ପ୍ରତିକାର କରାଯିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଆଶିଷ କୁମାର ଦାସଙ୍କୁ ପଚାରିବାରେ ସେ କୁହନ୍ତି, ଶୁଖିଲା ଖାଦ୍ୟ ଯୋଗାଣ କ୍ଷେତ୍ରରେ ଅନିୟମିତତା ହେଉଥିବା ଅଭିଯୋଗ ପାଇଛି। ଏହାର ସମାଧାନ କରାଯିବ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିରଞ୍ଚି ବାରିକଙ୍କୁ ପଚାରିବାରେ ସେ କୁହନ୍ତି, ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ସମସ୍ତ ସମସ୍ୟା ଶୀଘ୍ର ସମାଧାନ କରାଯିବ। ଏଥିପାଇଁ ପ୍ରକ୍ରିୟା ଜାରି ରହିଛି ବୋଲି ସେ ପ୍ରକାଶ କରିଛନ୍ତି।

# ଲେବର ସର୍ଦ୍ଦାରଙ୍କୁ ଅପହରଣ

ନୟାଗଡ଼ ଅଫିସ,୧୭।୫





ଗିରଫ ୩ ଅଭିଯୁକ୍ତ । ଜବତ ଟଙ୍କା ।

- ମାଡମାରି ରଖିଲେ ମୁଣ୍ଡ ଜାମିନ
- ୩୦ ହଜାର ଟଙ୍କା ନ ଦେଲେ ହତ୍ୟା ଧମକ
- ୩ ଅପହରଣକାରୀ ଜେଲ ଗଲେ

ନୟାଗଡ଼ ସହରର ଖଣ୍ଡପଡ଼ା ରୋଡର ମଦ ଦୋକାନ ସମ୍ମୁଖରୁ ରଣପୁର ମାଣିକସାହିର ଦୀପକ କୁମାର ମହାନ୍ତି(୩୭) ନାମକ ଜଣେ ଲେବର ସର୍ଦ୍ଦାରଙ୍କୁ ସୋମବାର ଅପହରଣ କରାଯାଇଥିଲା । ଅପହରଣକାରୀ ତାଙ୍କୁ ମାରପିଟ୍ କରି ମୁଣ୍ଡ ଜାମିନ ରଖି ୩୦ ହଜାର ଟଙ୍କା ମାଗିଥିଲେ । ଟଙ୍କା ନ ଦେଲେ ଜୀବନରେ ମାରିଦେବାର ଧମକ ଦେଇଥିଲେ । ଏନେଇ ଅଭିଯୋଗ ପରେ ନୟାଗଡ଼ ଟାଉନ ଥାନା ପୋଲିସ ୯ ଅପହରଣକାରୀଙ୍କ ମଧ୍ୟରୁ ୩ ଜଣଙ୍କୁ ଗିରଫ କରିବା ସହ ଲେବର ସର୍ଦ୍ଦାରଙ୍କୁ ଉଦ୍ଧାର କରିଛି । ଅନ୍ୟପକ୍ଷେ ଅପହରଣକାରୀଙ୍କଠାରୁ ମୁଣ୍ଡ ଜାମିନ ବାବଦ ୩୦ ହଜାର ଟଙ୍କା ସହ ୩ ବାଇକ, ୩ ମୋବାଇଲ ଜବତ କରିଛି । ଏହି ଘଟଣାରେ ଇଟାମାଟି ଥାନା ଅଧୀନ ପାଇକସାହିର ବାପିନା ପ୍ରଧାନ(୨୭), ନୟାଗଡ଼ ଟାଉନ ଥାନା ଅଧୀନ ଘଡୁଆଳର ପ୍ରିୟବ୍ରତ ବରାଡ(୨୮) ଓ ରଣପୁର ଥାନା ଅଧୀନ ଭଣ୍ଡାରସାହିର ରାକେଶ କୁମାର ବାରିକ(୨୮)ଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ୩ ଅପହରଣକାରୀଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଏନେଇ ୩୬୪(ଏ), ୩୪ ଆଇପିସି ଦଫାରେ ୬୫/୨୨ରେ ମାମଲା ରୁଜୁ ହୋଇଛି ।

ଅଭିଯୋଗ ଅନୁସାରେ ରଣପୁର ମାଣିକସାହିର ଦୀପକ କୁମାର ମହାନ୍ତି ନୟାଗଡ଼ର ଏକ ଚାଉଳ ଗୋଦାମରେ ରହି ରଣପୁର ଅଞ୍ଚଳ ପାଇଁ ଲେବର ସର୍ଦ୍ଦାର ଭାବେ କାମ କରନ୍ତି । ପ୍ରାୟ ଦେଢ଼ ବର୍ଷ ତଳେ ରଣପୁରରେ କେତେଜଣ ଅଜଣା ଯୁବକଙ୍କ ସହ ଦୀପକଙ୍କ ବିବାଦ ହୋଇଥିଲା । ଏପରି କି ମାରପିଟ୍ ହୋଇଥିଲା । ପୂର୍ବବିବାଦକୁ ନେଇ ଅଜଣା ଯୁବକମାନେ ଦୀପକଙ୍କୁ ଅପହରଣ କରି ନେବାକୁ ଯୋଜନା କରିଥିଲେ । ବିଭିନ୍ନ ସମୟରେ ଅପହରଣ କରିବାକୁ କରିଥିବା ଉଦ୍ୟମ ଫସର ଫାଟିଥିଲା । ତେବେ ସୋମବାର ଦୀପକ ମାଲିକଙ୍କ ଖଣ୍ଡପଡ଼ା ରୋଡସ୍ଥିତ ମଦ ଦୋକାନକୁ ଆସିଥିଲେ। ସେଠାରେ ପ୍ରାୟ ୯ଜଣ ଯୁବକ ଏକାଠି ହୋଇ ଦୀପକଙ୍କୁ ଅପହରଣ କରି ନେଇଥିଲେ । ଅପହରଣ ପରେ ମାରପିଟ୍ କରି ଦୀପକଙ୍କୁ ମୁଣ୍ଡ ଜାମିନ ରଖି ଲୁଚାଇ ରଖିଥିଲେ । ପରେ ତାଙ୍କ ଘରକୁ ଫୋନ କରି ୩୦ ହଜାର ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ ଦୀପକଙ୍କୁ ହତ୍ୟା କରିବେ ବୋଲି ଧମକ ଦେଇଥିଲେ। ପୁଣି ଦୀପକଙ୍କୁ ହତ୍ୟା କରି ଫୋପାଡିବା ପାଇଁ ଉଦ୍ୟମ କରିଥିଲେ । ଏଭଳିସ୍ଥଳେ ପରିବାର ଲୋକମାନେ ଟଙ୍କା ଯୋଗାଡ଼ କରି ନୟାଗଡ଼ ଟାଉନ ଥାନା ପୋଲିସ, ନୟାଗଡ଼ ଏସ୍‌ପିଙ୍କ ସହ ଯୋଗାଯୋଗ କରି ଅପହରଣକାରୀଙ୍କ ସୂଚନା ଅନୁଯାୟୀ ନୟାଗଡ଼ ରେଳ ଷ୍ଟେଶନକୁ ଯାଇଥିଲେ । ଅପହରଣକାରୀମାନେ ଟଙ୍କା ନେଉଥିବାବେଳେ ପୋଲିସ ୩ଜଣଙ୍କୁ କାବୁ କରି ନେଇଥିଲା ।

## ସଂକ୍ଷେପରେ

### ଜିତେନ୍ଦ୍ର ଫାଉଣ୍ଡେଶନର ନୂତନ ଅଧ୍ୟକ୍ଷ

ଭାପୁର,୧୭।୫(ଡି.ଏନ.ଏ.): ନୟାଗଡ଼ ଜିଲା ରଣପୁର ବ୍ଲକ ଅଧୀନ ଡେଙ୍ଗାଝରର ଜିତେନ୍ଦ୍ର ଫାଉଣ୍ଡେଶନ ଅଧକ୍ଷ ଭାବେ ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନଙ୍କୁ ମନୋନୀତ କରାଯାଇଛି । ରଣପୁର ଦର୍ପନାରାୟଣପୁରରେ ଥିବା ଏହି ଫାଉଣ୍ଡେଶନ ସମାଜସେବା କ୍ଷେତ୍ରରେ କାମ କରୁଛି । ଅଧକ୍ଷ ମନୋନୀତ ହେବାପରେ ପ୍ରଧାନ ବିଧବା ମହିଳାଙ୍କ ଥଇଥାନ, ସ୍ୱାବଲମ୍ବୀ ଏବଂ ଜୀବନ ଧାରଣର ମାନ ଉନ୍ନତ କରିବା ଦିଗରେ ସରକାରୀ ଏବଂ ବ୍ୟକ୍ତିଗତ ଉଦ୍ୟମ କରିବେ ବୋଲି କହିଛନ୍ତି ।

### ଚୋରି ପିକ୍‌ଅପ୍ ଭ୍ୟାନ୍ ବଡ଼ମ୍ବାରୁ ଜବତ

ଗଣିଆ,୧୭।୫(ଡି.ଏନ.ଏ.)-ଗଣିଆ ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ଗଣିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରୁ ଗତ ମାର୍ଚ୍ଚ ୨୮ତାରିଖ ରାତିରେ ଚୋରି ହୋଇଥିବା ପିକଅପ୍ ଭ୍ୟାନକୁ ଗଣିଆ ପୋଲିସ ଦେଢମାସ ପରେ ଜବତ କରିଛି । ଗଣିଆ ଥାନା ଅଧିକାରୀ ବିମଳ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ବଡ଼ମ୍ବା ରତାପାଟ ଗ୍ରାମରୁ ପିକଅପ୍ ଭ୍ୟାନ୍ ଉଦ୍ଧାର କରିଛି । ସମସ୍ତ କାଗଜପତ୍ର ଯାଞ୍ଚ କରାଯିବା ପରେ ଗାଡି ମାଲିକ କୃଷ୍ଣଚନ୍ଦ୍ର ଦାଶଙ୍କୁ ସେହି ଗାଡ଼ି ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। ଗଣିଆ ବଜାରରେ ପରିବା ଦୋକାନ କରିଥିବା କୃଷ୍ଣଚନ୍ଦ୍ର ଗଣିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗାଡିକୁ (ନଂ. ଓଆର-୦୨-ଏଏଚ-୬୪୦୪)କୁ ରଖି ଘରକୁ ଯାଇଥିଲେ । ପରଦିନ ସକାଳୁ ସେଠାରେ ତାଙ୍କ ଗାଡ଼ି ନ ଥିବା ଦେଖିବାକୁ ପାଇଥିଲେ । ଏ ନେଇ ସେ ଗଣିଆ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା ।

### ବିଦ୍ୟାଳୟରେ 'ଦେବାର କଳା' କାର୍ଯ୍ୟକ୍ରମ

ଗଣିଆ,୧୭।୫(ଡି.ଏନ.ଏ.)-କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତାନନ୍ଦ ସାମନ୍ତଙ୍କ ପ୍ରୟାସରେ ଗତ ୯ବର୍ଷ ଧରି ବିଶ୍ୱର ବିଭିନ୍ନ ସ୍ଥାନରେ ମେ ୧୭ତାରିଖକୁ 'ଦେବାର କଳା' ଦିବସ ପାଳିତ ହୋଇଆସୁଛି। ମଙ୍ଗଳବାର ସକାଳୁ ଗଣିଆ ବ୍ଲକର ଈଶ୍ୱରପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନଙ୍କୁ ନେଇ 'ଦେବାର କଳା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କିସ୍‌ର ପୁରାତନ ଛାତ୍ର ବାଣିଗୋଛା ପୂର୍ବ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ରୁକ୍ମଣ ବରିହା , ଦଶପଲ୍ଲା ବ୍ଲକର ବରିଷ୍ଠ କିରାଣୀ ଅକ୍ରୁର କୁମାର ଜାନୀ, ଶିକ୍ଷକ ଦୟାନିଧି ନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ଦଳେଇ, ୱାର୍ଡ ସଭ୍ୟ ପଦ୍ମଚରଣ ନାୟକ ଯୋଗଦେଇ ଆଜିର ଦିବସ ପାଳନ ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ପରେ ବିଦ୍ୟାଳୟ ପରିସରରେ ବିଭିନ୍ନ ଫଳ ଗଛ ଲଗାଇବା ସହ ପିଲାଙ୍କୁ ନିଜ ନିଜ ଘରେ ପ୍ରତିବର୍ଷ ଗଛଟିଏ ଲଗାଇ ତାର ଯତ୍ନ ନେବାପାଇଁ ପରାମର୍ଶ ଦେଇଥିଲେ । ସେହିପରି ଉପସ୍ଥିତ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ରମାନଙ୍କୁ ପାଠ୍ୟ ଉପକରଣ ସହ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା ।

# ଶିଶୁପୁତ୍ରକୁ ଉଦ୍ଧାର କଲା ଚାଇଲ୍ଡ ଲାଇନ

## ଶିଶୁ ବିକ୍ରି ଅଭିଯୋଗ



ଭାପୁର,୧୭।୫(ଡି.ଏନ.ଏ.)

ଚାଇଲ୍ଡ ଲାଇନ ସୋମବାର ଭାପୁର ବ୍ଲକରୁ ଜଣେ ୧ ବର୍ଷର ଶିଶୁପୁତ୍ରକୁ ଉଦ୍ଧାର କରିଛି । ଝାରସୁଗୁଡା ଅଞ୍ଚଳର ଏହି ଶିଶୁପୁତ୍ରକୁ ନୟାଗଡ଼ ଜିଲା ସଅପୁର ଗ୍ରାମର ଏକ ଦମ୍ପତି ପାଳିବା ପାଇଁ ଆଣିଥିଲେ । ହେଲେ ନୟାଗଡ଼ ଚାଇଲ୍ଡ ଲାଇନ ପକ୍ଷରୁ ଚଢ଼ାଉ କରାଯାଇ ଭାପୁର ବ୍ଲକ ଶାଳପଡା ପଞ୍ଚାୟତ ଅଧୀନ କୁଲାବ ଗ୍ରାମରୁ ସେହି ଶିଶୁପୁତ୍ରକୁ ଉଦ୍ଧାର କରାଯାଇଛି । ସୂଚନା ଅନୁଯାୟୀ, କୁଲାବ ଗ୍ରାମର ଏକ ଦମ୍ପତି ଝାରସୁଗୁଡା ଅଞ୍ଚଳରୁ ଉକ୍ତ ଶିଶୁପୁତ୍ର ଆଣିଥିଲେ । ଜଣେ ଆଇନଜୀବୀଙ୍କ ସହାୟତାରେ ଏଥିପାଇଁ ଶିଶୁପୁତ୍ରଙ୍କ ମା'ଙ୍କୁ କିଛି ଟଙ୍କା ଦେଇଥିଲେ । ହେଲେ ଏକଥା ଜଣାପଡିବା ପରେ ଝାରସୁଗୁଡା ଶିଶୁ ସୁରକ୍ଷା ବିଭାଗ ନୟାଗଡ଼ ଚାଇଲ୍ଡ ଲାଇନକୁ ଶିଶୁପୁତ୍ର ଉଦ୍ଧାର ପାଇଁ ନିର୍ଦ୍ଦେଶ ଦେଇଥିଲେ । ନୟାଗଡ଼ ଚାଇଲ୍ଡ ଲାଇନ ପକ୍ଷରୁ ମନୋଜ କୁମାର ପରିଡା, ସୁଜାତା ବେହେରା ଓ ଫତେଗଡ ପୋଲିସ ତରଫରୁ ସୋମନାଥ ଜେନା ସୋମବାର ଚଢ଼ାଉ କରି ଶିଶୁପୁତ୍ରଙ୍କୁ ଉଦ୍ଧାର କରିଥିଲେ । ଏହାପରେ ଶିଶୁଟିକୁ ଶିଶୁ ମଙ୍ଗଳ ବିଭାଗ କାର୍ଯ୍ୟାଳୟକୁ ନେଇ ସେଠାରୁ ନୟାଗଡ଼ ଜିଲା ହସ୍ପିଟାଲରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ ।

# ଜିଲାପାଳଙ୍କ ଜନଶୁଣାଣି ଶିବିର



ଖବରକାଗଜ ବିତରକମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି ।

ନୟାଗଡ଼ ଅଫିସ,୧୭।୫

## ଖବରକାଗଜ ବିତରକ ପାଇଲେ ପରିଚୟପତ୍ର

ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ମଙ୍ଗଳବାର ଜିଲାପାଳଙ୍କ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଜିଲାପାଳ ପୋମା ଟୁଡୁ ଏଥିରେ ଅଧକ୍ଷତା କରି ଲୋକମାନଙ୍କ ବିଭିନ୍ନ ଅଭିଯୋଗ ଶୁଣିଥିଲେ । ମଙ୍ଗଳବାର ସମୁଦାୟ ୩୯ ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ଏଥିରୁ ବ୍ୟକ୍ତିଗତ ଭାବେ ୩୫ ଅଭିଯୋଗ, ୨ ସାମୁହିକ ଗ୍ରାମ ବିବାଦ ଓ ୨ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡ ପାଇଁ ଥିଲା । ସମୁଦାୟ ୫ ଅଭିଯୋଗର ତତ୍‌କାଳ ସମାଧାନ କରାଯାଇଥିଲା । ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୨ଜଣ ଦରଖାସ୍ତକାରୀଙ୍କୁ ମୋଟ ୪୦ ହଜାର ଟଙ୍କା ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥିଲା । ଅବଶିଷ୍ଟ କେସ ଗୁଡ଼ିକୁ ସାମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା । ପରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ନୟାଗଡ଼ ଜିଲା ପାଇଁ ମଞ୍ଜୁର ହୋଇଥିବା ମାଗଣା ଲ୍ୟାପଟପ୍ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ଅଧ୍ୟୟନରତ ୪ଜଣ ଦୃଷ୍ଟିବାଧିତ ଛାତ୍ରଙ୍କୁ ଉଚ୍ଚଶିକ୍ଷାରେ ଉନ୍ନତି ନିମନ୍ତେ ଜିଲାପାଳ ପ୍ରଦାନ କରିଥିଲେ । ରଣପୁର ବ୍ଲକ ରାଜସୁନାଖଳାର ବଳରାମ ମାଝି ଓ ଆମ୍ବଝର ଗ୍ରାମର ଅନିଲ କୁମାର ରଥ ଏବଂ ନୟାଗଡ଼ ବ୍ଲକ ଅନ୍ତର୍ଗତ କଞ୍ଚନବିଲି ଗ୍ରାମର ନୀଳମାଧବ ଦାସ ଓ ରଘୁନାଥପ୍ରସାଦ ଗ୍ରାମର ସୁରଜ କୁମାର ନାୟକ ଏହି କମ୍ପ୍ୟୁଟର ପାଇଥିଲେ । ଦୃଷ୍ଟିବାଧିତ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର ୨୦୧୩-୧୪ମସିହାରେ ଏହି ଯୋଜନାର ଶୁଭାରମ୍ଭ କରିଥିଲେ । ଅଦ୍ୟାବଧି ନୟାଗଡ଼ ଜିଲାରେ ମୋଟ ୪୨ଜଣ ଛାତ୍ର ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି । ପୁଣି ସମ୍ପୃକ୍ତ ବିଭାଗ ପକ୍ଷରୁ ନୟାଗଡ଼ ଜଲାର ୭ ଭିନ୍ନକ୍ଷମଙ୍କୁ ବିବାହ ପ୍ରୋତ୍ସାହନ ରାଶି ସ୍ୱରୂପ ପ୍ରତ୍ୟେକଙ୍କୁ ୨ଲକ୍ଷ୫୦ହଜାର ଟଙ୍କାର ଚେକ୍ ଜିଲାପାଳ ପ୍ରଦାନ କରିଥିଲେ । ଶେଷରେ ନୂଆଗାଁ ଓ ନୟାଗଡ ବ୍ଲକର ୧୨ଜଣ ଖବର କାଗଜ ବିତରକମାନଙ୍କୁ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ପରିଚୟ ପତ୍ର ଜିଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଏହି ଜନଶୁଣାଣି ଶିବିରରେ ଏସ୍‌ପି ଅଲେଖ ପଢ଼ି, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ,ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଲଗ୍ନଜିତ ରାଉତ, ବିଡିଓ ଓ ତହସିଲଦାର ନୟାଗଡ଼, ଜିଲାସ୍ତରୀୟ ପଦାଧିକାରୀ,ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ସମସ୍ୟାର ଶୁଣାଣି କରିବାରେ ଜିଲାପାଳଙ୍କୁ ସହଯୋଗ କରିଥିଲେ ।

# ୨ ଭାଇଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ଓଡ଼ଗାଁ,୧୭।୫(ସ୍ୱ.ପ୍ର.)

**ଭାଇବୋହୂ, ଭାଉଜଙ୍କୁ ଆକ୍ରମଣ, ସୁନାଗହଣା ଲୁଟ ମାମଲା**

- ୧୦ ବର୍ଷ ପରେ ଆସିଲା କୋର୍ଟଙ୍କ ରାୟ

ପାରିବାରିକ କଳହ ଓ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଭାଇବୋହୂ ଓ ଭାଉଜଙ୍କୁ ମରଣାନ୍ତକ ଆକ୍ରମଣ ସହିତ ଘରୁ ସୁନାଗହଣା ଓ ନଗଦ ଟଙ୍କା ଲୁଟ ମାମଲାର ରାୟ ୧୦ ବର୍ଷ ପରେ ପ୍ରକାଶ ପାଇଛି । ଏହି ମାମଲାର ବିଚାର କରି ମଙ୍ଗଳବାର ସ୍ଥାନୀୟ ସହକାରୀ ଦୌରାଜଜ୍ ଶିବାଶିଷ ଗିରି ଦୋଷୀସାବ୍ୟସ୍ତ ୨ ଭାଇଙ୍କୁ ୧୦ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ,ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅଧୀନ ଗିରିଡିପଲ୍ଲୀ ଗ୍ରାମର ଓକିଲ ପାଣ୍ଡୁ ଚରଣ ବେହେରା (୩୪) ୨୦୧୨ ଜୁନ୍ ୨୧ ମଧ୍ୟାହ୍ନ ୧୨ଟାରେ ଘରେ ଅନୁପସ୍ଥିତ ଥିଲେ । ଏହାର ସୁଯୋଗ ନେଇ ତାଙ୍କ ସାନ ଭାଇ ବୁଲୁ ବେହେରା ଓ ବଡ଼ ଦୁଇ ଭାଇ କବି ବେହେରା ତାଙ୍କ ଘରେ ପଶି ତାଙ୍କ ସ୍ତ୍ରୀ ମରି ବେହେରାଙ୍କୁ ବିଭିନ୍ନ ମାରଣାସ୍ତ୍ର ଓ ଠେଙ୍ଗାବାଡିରେ ମରଣାନ୍ତକ ଆକ୍ରମଣ କରିଥିଲେ । ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡିଗଲାପରେ ତାଙ୍କଠାରୁ ଆଲମିରା ଚାବି ଛଡାଇ ନେଇ ସମସ୍ତ ସୁନା ଗହଣା (୭୦ଗ୍ରାମ) ଓ ନଗଦ ୨୦ ହଜାର ଟଙ୍କା ଲୁଟି ନେଇଥିଲେ । ଏଥିରେ ଦୁଇ ପୁଅଙ୍କୁ ତାଙ୍କ ମା'ବାପା ବି ସହଯୋଗ କରିଥିଲେ । ଏପରି କି ସେମାନେ ଏହି ଦମ୍ପତିଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ଏପରିସ୍ଥଳେ ସମ୍ପର୍କୀୟମାନେ ପହଞ୍ଚି ମରିଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଏହି ମାମଲାର ବିଚାର କରି ଉଭୟ ଭାଇଙ୍କୁ ନ୍ୟାୟାଳୟ ୩୨୩,୩୨୪ ଓ ୩୦୭ ଦଫାରେ ୧, ୩ ଓ ୬ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହିତ ସମସ୍ତ ଦଫାରେ ଅନୁରୂପ ଭାବେ ୧୦ ହଜାର ଟଙ୍କା ଲେଖାଏଁ ଜରିମନା ଆଦେଶ ଦେଇଛନ୍ତି । ଜରିମନା ଅନାଦେୟ ଅତିରିକ୍ତ ୧ ବର୍ଷ ଲେଖା ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଦର୍ଶାଇଛନ୍ତି । ଶୁଣାଣି ପରେ ଉଭୟ ଭାଇଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇଦିଆଯାଇଥିବା ମାମଲାର ପରିଚାଳନା କରୁଥିବା ଅତିରିକ୍ତ ପିପି ସୁରେନ୍ଦ୍ର କୁମାର ସେନାପତି ଓ ଯଜ୍ଞନାରାୟଣ ପାତ୍ର ସୂଚନା ଦେଇଛନ୍ତି । ଅନ୍ୟପକ୍ଷେ ଏହି ମାମଲାରେ ଅଭିଯୁକ୍ତ ଦୁଇ ପୁଅଙ୍କୁ ସହଯୋଗ କରିଥିବା ବାପା ମା'ଙ୍କୁ ୩୨୩ ଦଫାରେ ଦୋଷୀ ସାବ୍ୟସ୍ତ କରିବା ସହିତ ବୟସାଧିକ ଓ ପ୍ରଥମ ଅପରାଧି କାରଣରୁ ପ୍ରୋବେଶନ ଅଫେଣ୍ଡର ଆକ୍ଟ ଅନୁସାରେ ଛାଡି ଦିଆଯାଇଥିବା ଅତିରିକ୍ତ ପିପି ପ୍ରକାଶ କରିଛନ୍ତି ।

# ୱାର୍ଡ଼ ପରିଦର୍ଶନ କଲେ ଏନଏସି ଚେୟାରମ୍ୟାନ

ଦଶପଲ୍ଲା,୧୭।୫(ଡି.ଏନ୍.ଏ.)

ମଙ୍ଗଳବାର ଦଶପଲ୍ଲା ଏନ୍‌ଏସି ଚେୟାରମ୍ୟାନ ପୁନମ ପ୍ରିୟଦର୍ଶିନୀ ୪ନଂ. ୱାର୍ଡର ଗୋପୀନାଥ ସାହି, ଅମଲାପଡା ଆଦି ଅଞ୍ଚଳ ପରିଦର୍ଶନ କରି ପାନୀୟ ଜଳ ଯୋଗାଣ, ରାସ୍ତା ଆଲୋକୀକରଣ, ପୋଖରୀ ପୁନରୁଦ୍ଧାର, ଡ୍ରେନେଜ ଓ ସ୍ୱେରେଜ ବ୍ୟବସ୍ଥା ସଂକ୍ରାନ୍ତରେ ସ୍ଥାନୀୟ ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ । ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ତାଙ୍କ ସହ କାଉନ୍ସିଲର ବୀଣାପାଣି ପାଣି, ବରିଷ୍ଠ ବିଜେଡି ନେତା ତଥା ଅମଲାପଡା ଗ୍ରାମ୍ୟକମିଟି ସଭାପତି ପ୍ରଦୋଷ ଜେନା, କାଳିଆ ସାହୁ, ନିରଞ୍ଜନ ସାହୁ ସମେତ ସ୍ଥାନୀୟ ଲୋକମାନେ ଉପସ୍ଥିତ ଥିଲେ ।

# ତାଡ଼କା ବଧ,ଅହଲ୍ୟା ଉଦ୍ଧାର

ଖଣ୍ଡପଡା,୧୭।୫(ସ୍ୱ.ପ୍ର.)

**କଣ୍ଟିଲୋ ରାମଲୀଳା**



କଣ୍ଟିଲୋ ଶ୍ରୀ ଶ୍ରୀ ରଘୁନାଥ ଜୀଉ ନାଟ୍ୟ ସମିତି କଂସାରୀ ସାହି ପାଟଣା ପକ୍ଷରୁ ସୋମବାର ରାମଲୀଳାର ପ୍ରଥମ ପର୍ବ ଆରମ୍ଭ ହୋଇଛି । ଏହି ଅବସରରେ ତାଡ଼କା ବଧ ଓ ଅହଲ୍ୟା ଉଦ୍ଧାର ନାଟକ ପରିବେଷଣ ହୋଇ ଯାଇଛି। ରାମାୟଣର ବିଷୟବସ୍ତୁକୁ ଆଧାର କରି ତ୍ରେତୟା ଯୁଗରେ ରାକ୍ଷସମାନଙ୍କ ଅତ୍ୟାଚାରରୁ ରକ୍ଷା ପାଇବା ପାଇଁ ଭଗବାନ ରାମଚନ୍ଦ୍ର ହିଁ ଏକମାତ୍ର ଭରସା ବୋଲି ବିଶ୍ୱାମିତ୍ର ଋଷି ଧ୍ୟାନ ବଳରେ ଜାଣିବା ପରେ ସେ ରାଜା ଦଶରଥଙ୍କ ଦ୍ୱାରସ୍ଥ ହୋଇଥିଲେ । ଅସୁରଙ୍କ ଅତ୍ୟାଚାର ଓ ଦମନଲୀଳାରେ ଅତିଷ୍ଠ ହୋଇ ବିଶ୍ୱାମିତ୍ରଙ୍କ ଅନୁରୋଧ ଓ କୂଳଗୁରୁ ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଷିମାନଙ୍କ ସୁରକ୍ଷା ପାଇଁ ରାଜା ଦଶରଥ ୨ପୁତ୍ର ରାମ ଓ ଅନୁଜ ଲକ୍ଷ୍ମଣଙ୍କୁ ବିଶ୍ୱାମିତ୍ରଙ୍କ ସାଥିରେ ଯିବା ପାଇଁ ଅନୁମତି ପ୍ରଦାନ କରିଥିଲେ। ବିଶ୍ୱାମିତ୍ର ଋଷିଙ୍କ ସଙ୍ଗେ ଦୁଇ ଭାଇ ଅଗମ୍ୟ ଜଙ୍ଗଲ ମଧ୍ୟରେ ଯିବା ବାଟରେ ମାୟାବିନୀ ତାଡ଼କା ଅସୁରୁଣୀ ସେମାନଙ୍କ ପଥ ଅବରୋଧ କରିଥିଲା । ଫଳରେ ରାମଚନ୍ଦ୍ର ତାକୁ ବଧ କରିଥିଲେ। ତାଡ଼କା ବଧ ପରେ ସେମାନେ ଆଗକୁ ଯିବା ବାଟରେ ଗୌତମ ଋଷିଙ୍କ ଅଭିଶାପରେ ପାଷାଣୀ ପାଲଟିଥିବା ଅହଲ୍ୟା ରାମଚନ୍ଦ୍ରଙ୍କ ପାଦ ସ୍ପର୍ଶରେ ଶାପମୁକ୍ତ ହୋଇଥିଲେ । ପୁରାଣର ଏହି କଥା ବସ୍ତୁକୁ ନାଟ୍ୟରୂପ ଦେଇଥିଲେ ରାମଲୀଳା କଳାକାରମାନେ। ରାମ, ଲକ୍ଷ୍ମଣ ଓ ସୀତା ଭୂମିକାରେ ଶିଷ୍ଟ କଳାକାରଙ୍କ ଅଭିନୟ ବେଶ୍ ହୃଦୟସ୍ପର୍ଶୀ ହୋଇ ପାରିଥିଲା ।

# ଜଳକଷ୍ଟ ବେଳେ ଶତାଧିକ ସୋଲାର ଡୁଆଲ ପମ୍ପ ଅଚଳ

ନୟାଗଡ଼ ଅଫିସ,୧୭।୫



ଅଚଳ ହୋଇପଡିଥିବା ସୋଲାର ଡୁଆଲ ପମ୍ପ ।

- ୬୪ ନଳକୂପକୁ ମରାମତି କରାଯାଉନି
- ଡୁଆଲ ପମ୍ପରୁ ପାଣି ବାହାରୁନାହିଁ

ନୟାଗଡ଼ ଜିଲାରେ ସୋଲାର ଡୁଆଲ ପମ୍ପ ବ୍ୟବସ୍ଥା ବିଫଳ ହୋଇଛି । ଗ୍ରୀଷ୍ମ ପ୍ରବାହ ଓ ଜଳକଷ୍ଟ ସମୟରେ ବିଭିନ୍ନ ବ୍ଲକ୍‌ରେ ଥିବା ଏହି ଜଳ ପ୍ରକଳ୍ପ ବ୍ୟବସ୍ଥା ଅଚଳ ଅବସ୍ଥାରେ ପଡ଼ିରହିଛି । ଜିଲାର ୮ ବ୍ଲକରେ ୩୨୦ ସୋଲାର ଡୁଆଲ ପମ୍ପ ସ୍ଥାପନ କରାଯାଇଥିଲା। ସେଥିରୁ ୧୦ ନଳକୂପ ପୋତି ହୋଇ ଯାଇଥିବାବେଳେ ଆଉ ୬୪ ଅଚଳ ଅବସ୍ଥାରେ ରହିଛି। ପୁଣି କାର୍ଯ୍ୟକ୍ଷମ ଥିବା ସୋଲାର ଡୁଆଲ ପମ୍ପରୁ ଆବଶ୍ୟକ ଅନୁଯାୟୀ ପାଣି ବାହାରୁନାହିଁ । ଓରେଡା ଏଗୁଡିକ ନିର୍ମାଣ କରିଥିଲା । ଏହାର ମରାମତି ମଧ ଓରେଡା କରିବା କଥା । ହେଲେ ଓରେଡା ଏହାକୁ ମରାମତି କରୁ ନ ଥିବାରୁ ଏହାକୁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ(ଆରଡବ୍ଲୁଏସ୍‌ଏସ୍)କୁ ହସ୍ତାନ୍ତର କରାଯିବ ବୋଲି ଯୋଜନା ପ୍ରସ୍ତୁତ ହୋଇଛି । ହେଲେ ଆଜି ପର୍ଯ୍ୟନ୍ତ ସେଥିପାଇଁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଆରଡବ୍ଲୁଏସ୍‌ଏସ୍‌କୁ ସୋଲାର ଡୁଆଲ ପମ୍ପ ହସ୍ତାନ୍ତର କରାଯାଉନି । ଏଣୁ ଜିଲାରେ ପାନୀୟ ଜଳ ସମସ୍ୟା ବଢ଼ି ଚାଲିଛି । ଅନ୍ୟପକ୍ଷେ ସରକାର ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଯେଉଁ ମହତ୍ ଉଦ୍ଦେଶ୍ୟ ରଖି ଏହି ସୋଲାର ଡୁଆଲ ପମ୍ପ ସ୍ଥାପନ କରିଥିଲେ ତାହା ପାନୀୟ ଜଳ ସମସ୍ୟା ଦୂର କରିବାରେ ସଫଳ ହୋଇନାହିଁ।

ନୟାଗଡ଼ ଜିଲାର ପାନୀୟ ଜଳରେ ଫ୍ଲୋରାଇଡ୍ ଓ ଆଇରନ ପରିମାଣ ଅଧିକ ଥିବାରୁ ଚିନ୍ତାର କାରଣ ପାଲଟିଥିଲା । ପୁଣି ବିଦ୍ୟୁତ୍ କାଟ ଯୋଗୁ ଲୋକମାନେ ପାନୀୟ ଜଳ ସମସ୍ୟାରେ ଛନ୍ଦି ହୋଇପଡୁଥିଲେ । ଏଭଳିସ୍ଥଳେ ଜିଲାର ଭାପୁର ବ୍ଲକରେ ୧୯, ଦଶପଲ୍ଲା ବ୍ଲକରେ ୫୦, ଗଣିଆ ବ୍ଲକରେ ୨୬, ଖଣ୍ଡପଡ଼ା ବ୍ଲକରେ ୩୬, ନୟାଗଡ଼ ବ୍ଲକରେ ୪୧, ନୂଆଗାଁ ବ୍ଲକରେ ୩୫, ଓଡ଼ଗାଁ ବ୍ଲକରେ ୭୧, ରଣପୁର ବ୍ଲକରେ ୪୨ ଏପରି ୩୨୦ ସୋଲାର ଡୁଆଲ ପମ୍ପ ସ୍ଥାପନ କରାଯାଇଥିଲା । ଲୋକମାନେ ନଳକୂପରୁ ହ୍ୟାଣ୍ଡେଲ ମାରି ପାଣି ନେଇ ପାରିବେ । ପୁଣି ସୋଲାର ଦ୍ୱାରା ପାଣି ଟାଙ୍କିରେ ଗଚ୍ଛିତ ରହି ଲୋକଙ୍କ ଘରକୁ ଯୋଗାଣ ହେଉଥିଲା । ପ୍ରଥମେ ଏହି ପ୍ରକଳ୍ପ ଠିକ୍‌ରେ ଚାଲିଲା । କିଛି ମାସର ବ୍ୟବଧାନ ପରେ ଏଥିରେ ସମସ୍ୟା ଦେଖାଦେଲା । ଜିଲାର ବିଭିନ୍ନ ସ୍ଥାନରେ ସୋଲାର ଡୁଆଲ ପମ୍ପ ଅଚଳ ହୋଇପଡିଲା । ଏଥିସହିତ ଦଶପଲ୍ଲା ବ୍ଲକରେ ୩, ନୟାଗଡ଼ ବ୍ଲକରେ ୧, ଓଡ଼ଗାଁ ବ୍ଲକରେ ୩, ରଣପୁର ବ୍ଲକରେ ୩ ନଳକୂପ ମାଟିରେ ପୋତି ହୋଇପଡିଛି । ସେହିଭଳି ନୟାଗଡ଼ ବ୍ଲକର ବୃନ୍ଦାବନପୁର ମୁଣ୍ଡିଆସାହି, ଧାମଣେଇ ବୃନ୍ଦାବନପୁର ଓ ପାଲାଗୁଣ୍ଠୁଣି, ଖଣ୍ଡପଡ଼ା ବ୍ଲକର ସିଘାଂପଡାର କଣ୍ଟାବଣିଆ ପରି ୧୦୦ରୁ ଉର୍ଦ୍ଧ୍ୱ ସ୍ଥାନରେ ସୋଲାର ଡୁଆଲ ପମ୍ପ ଅଚଳ ହୋଇ ପଡିଥିଲା। ନୟାଗଡ଼ ବ୍ଲକର ସୀମାନ୍ତ ନୂଆ ବିଜିପୁର ପ୍ରାଥମିକ ବିଦ୍ୟାଳୟ ନିକଟରେ ଥିବା ସୋଲାର ଡୁଆଲ ପମ୍ପ ଅଚଳ ଅବସ୍ଥାରେ ରହିଛି। କିନ୍ତୁ ସରକାରୀ ରେକର୍ଡ କହୁଛି ଭାପୁର ବ୍ଲକରେ ୩, ଦଶପଲ୍ଲା ବ୍ଲକରେ ୧୭, ଗଣିଆ ବ୍ଲକରେ ୫, ଖଣ୍ଡପଡ଼ା ବ୍ଲକରେ ୫, ନୟାଗଡ଼ ବ୍ଲକରେ ୧୦, ନୂଆଗାଁ ବ୍ଲକରେ ୧୦, ଓଡ଼ଗାଁ ବ୍ଲକରେ ୮, ରଣପୁର ବ୍ଲକରେ ୬ ଏପରି ୬୪ ସୋଲାର ଡୁଆଲ ପମ୍ପ ଅଚଳ ହୋଇ ପଡିଛି। ଏନେଇ ସାଧାରଣରେ ଅଭିଯୋଗ ପରେ ମଧ ଏହାକୁ ସଚଳ କରାଯାଇ ନ ଥିଲା । ଅଚଳ ସୋଲାର ଡୁଆଲ ପମ୍ପର ସଚଳ ନେଇ ଜିଲା ପରିଷଦ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା ।

ଏନେଇ ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ କୁହନ୍ତି, ୨୦୨୨ ଆର୍ଥିକ ବର୍ଷରେ ପ୍ରଥମ ଜିଲା ପରିଷଦ ବୈଠକରେ ସୋଲାର ଡୁଆଲ ପମ୍ପ ଅଚଳ ନେଇ ସରଗରମ ଆଲୋଚନା ହୋଇଥିଲା। ପ୍ରକଳ୍ପଗୁଡ଼ିକ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌କୁ ହସ୍ତାନ୍ତର କରାଯାଇ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବାକୁ ଚେଷ୍ଟା କରାଯିବ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଆରଡବ୍ଲ୍ୟୁଏସ୍‌ଏସ୍‌ର ନୟାଗଡ଼ ଓ ଓଡ଼ଗାଁ ବ୍ଲକ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସୁବାସ ଚନ୍ଦ୍ର ସ୍ୱାଇଁ କୁହନ୍ତି, ନୟାଗଡ଼ ବ୍ଲକର ବୃନ୍ଦାବନପୁର ମୁଣ୍ଡିଆସାହି, ଧାମଣେଇ ବୃନ୍ଦାବନପୁର ଓ ପାଲାଗୁଣ୍ଠୁଣି ଗାଁରେ ରହିଥିବା ଅଚଳ ସୋଲାର ଡୁଆଲ ପମ୍ପକୁ ସଚଳ କରାଯିବା ଆରମ୍ଭ ହୋଇଛି । ଜିଲାପାଳଙ୍କ ନିର୍ଦ୍ଦେଶରେ ସୋଲାର ଡୁଆଲ ପମ୍ପର କାର୍ଯ୍ୟ ସଚଳ କରାଯିବ ବୋଲି କହିଛନ୍ତି । ଆରଡବ୍ଲୁଏସ୍‌ଏସ୍‌ର ନିର୍ବାହୀ ଯନ୍ତ୍ରୀ ସରୋଜ କର କୁହନ୍ତି, ଜିଲାରେ ଅଚଳ ହୋଇ ରହିଥିବା ସୋଲାର ଡୁଆଲ ପମ୍ପକୁ ସଚଳ କରାଯିବା କାର୍ଯ୍ୟ ଆରମ୍ଭ ହୋଇଛି । ଏହି ମରାମତି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁ ରହିଛି ।